# ଝାର୍‌ଦ୍ୟାବ



ସେଣ୍ଟର୍ ଫର୍ ଫରେଷ୍ଟ୍ରି ଆଣ୍ଡ୍ ଗଭର୍ଣ୍ଣାନ୍ସ
ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଭୁବନେଶ୍ୱର

## ଏ ସଂଖ୍ୟାରେ...

ପୃଷ୍ଠା

**ବିଶେଷ କଥନ**
ମୁଁ ଶାଳମଞ୍ଜି କହୁଛି ୧

**ନୀତି ନିୟମ**
ମହୁଲ ବ୍ୟବସାୟ ଓ ଅବକାରୀ କଟକଣା ୬

**ଘରୋଇ ଚିକିତ୍ସା**
ଭୁଇଁନିମ୍ବ ୮

**ସଭା ସମିତି**
ସମବାୟ ପ୍ରତିନିଧିମାନଙ୍କରଦକ୍ଷତା ବୃଦ୍ଧି ପାଇଁ ତାଲିମ ଶିବିର ୧୦

**ଖବରକାଗଜ ପୃଷ୍ଠାରୁ**
- ବନଜାତ ଦ୍ରବ୍ୟର ବ୍ୟବସାୟିକ ନୀତି ସ୍ପଷ୍ଟ ପାଇଁ ଦାବି ୧୨
- କୌଶଳର ଅଭାବରୁ ଅନେକ ଔଷଧୀୟ ବୃକ୍ଷଲତା ଲୋପ ପାଉଛି ୧୨
- ପ୍ରୋତ୍ସାହନ ଅଭାବରୁ ଲାଖଶିଳ୍ପର ଦୂରବସ୍ଥା ୧୩

**ଚାଷବାସ**
ହେମକାକରୀ ୧୪

**ତଥ୍ୟ କିଅସ୍କ**
ବିଜ୍ଞପ୍ତି ୧୫

## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦରବ୍'** ର ପ୍ରକାଶନ ସଂପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ପଠନଯୋଗ୍ୟ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତଦ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

## ସମ୍ପାଦକୀୟ...

ପ୍ରମୁଖ ଆୟକାରୀ ଜଙ୍ଗଲଜାତ ଦ୍ରବ୍ୟମାନଙ୍କ ମଧ୍ୟରେ ଶାଳମଞ୍ଜି ଓ ମହୁଲ ଅନ୍ୟତମ । ଏହି ଜଙ୍ଗଲଜାତ ଦ୍ରବ୍ୟ ଦୁଇଟି ଉପରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ସରକାରୀ ଆଇନକାନୁନ୍ , କାଇଦା କଟକଣା ଏବଂ ସଠିକ୍ ପରିଚାଳନା ଅଭାବରୁ ପ୍ରାଥମିକ ସଂଗ୍ରହକାରୀମାନେ ଏହାର ସଂପୂର୍ଣ୍ଣ ଫାଇଦା ନେଇ ପାରନ୍ତି ନାହିଁ । ଶାଳମଞ୍ଜିର ଉପାଦେୟତା ବିଷୟରେ ଜଣା ପଡ଼ିଲା ପରେ ଏହାର ବ୍ୟବସାୟ ଓ ସଂଗ୍ରହ ନିମନ୍ତେ ପ୍ରାଧାନ୍ୟ ବୃଦ୍ଧି ପାଇଲା । ଏହା ଯେ କେବଳ ପ୍ରାଥମିକ ସଂଗ୍ରହକାରୀମାନଙ୍କର ଜୀବନ ଜୀବିକାର ଉତ୍ସଭାବେ ଉଭା ହେଲା ; ତାହାନୁହେଁ, ସରକାର ମଧ୍ୟ ଏହାକୁ ଆୟର ଏକ ସ୍ରୋତ ଭାବେ ଗଣିବାକୁ ଲାଗିଲେ । ଏଥିନେଇ ଅଦ୍ୟାବଧି ଏହାର ସଂଗ୍ରହ ଓ ବ୍ୟବସାୟକୁ ନେଇ ଅନେକ ଆଇନ୍ କାନୁନ୍ ତିଆରି ହେଲା ଏବଂ ବଦଳିଲା । କେତେବେଳେ ଏହାକୁ ଜାତୀୟକରଣ ଭାବେ ପରିଗଣିତ କରାଗଲାତ କେତେବେଳେ ଏହାକୁ ଜାତୀୟକରଣ ଦ୍ରବ୍ୟର ତାଲିକାରୁ ବାଦ୍ ଦିଆଗଲା । ବିଭିନ୍ନ ସମୟରେ ଏହାର ବ୍ୟବସାୟୀ ବଦଳିଲେ, କେତେବେଳେ ସରକାରୀ ସଂସ୍ଥା ଏହାର ବ୍ୟବସାୟ କଲାତ, କେତେବେଳେ ଯେ କୌଣସି ବ୍ୟବସାୟୀ ଏହାକୁ ଖରିଦ୍ କରି ବ୍ୟବସାୟ କରିବାର ଅନୁମତି ପାଇଲେ । ସେହିପରି ମହୁଲ ଫୁଲର ବ୍ୟବସାୟୀ ମଧ୍ୟ ବିଭିନ୍ନ ଆଇନ୍ କାନୁନ୍‌ର ଫିତା ତଳେ ବନ୍ଧା ।

ଏଇ ଦୁଇଟି ବନଜାତ ଦ୍ରବ୍ୟର ବ୍ୟବସାୟ ଓ ତତ୍‌ସଂପର୍କିତ ଆଇନକାନୁନ୍‌ରେ ଜୀବନ ଜୀବିକା ଉପରେ ପ୍ରଭାବକୁ ନେଇ ଚଳିତ ସଂଖ୍ୟାରେ ଦୁଇଟି ପ୍ରବନ୍ଧ ସନ୍ନିବେଶିତ ହୋଇଛି ।

**ସଂପାଦକ**



# ମୁଁ ଶାଳମଞ୍ଜି କହୁଛି

ମୁଁ ଶାଳମଞ୍ଜି କହୁଛି । ମୋତେ ଓଡ଼ିଶାରେ ଥିବା ବିସ୍ତୃତ ଶାଳ ଜଙ୍ଗଲରୁ ବର୍ଷର ମେ ମାସରୁ ଜୁନ୍ ମାସ ମଧ୍ୟରେ ସଂଗ୍ରହ କରାଯାଇଥାଏ । ଚାଷବାସ ନଥିବା ସମୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ବିଶେଷକରି ଜଙ୍ଗଲରେ ବାସ କରୁଥିବା ଆଦିବାସୀମାନେ ମୋତେ ସଂଗ୍ରହ କରି ବିକ୍ରି କରିଥାନ୍ତି । ମୁଁ ସେମାନଙ୍କ ପରିବାରକୁ ପ୍ରାୟ ମାସଟିଏ କାଳ ଜିଇଁବାର ରାହା ଯୋଗାଇ ଦେଇଥାଏ । ସେଇଥି ପାଇଁ ସଂଗ୍ରହକାରୀମାନଙ୍କର ନିକଟରେ ମୋର ଏତେ ଆଦର ।

ଦିନଥିଲା ଯେତେବେଳେ ଲୋକଙ୍କ ନିକଟରେ ମୋର ସେଭଳି ଚାହିଦା ନଥିଲା । କାରଣ ସେତେବେଳେ ମୋତେ କେବଳ ସ୍ୱଳ୍ପ ମାତ୍ରାରେ ଘରେ ବ୍ୟବହାର ନିମନ୍ତେ ସଂଗ୍ରହ କରାଯାଉଥିଲା । ଲୋକେ ମୋତେ ଜଙ୍ଗଲରୁ ସଂଗ୍ରହ କରୁଥିଲେ । ତାପରେ ପାରମ୍ପରିକ ଜ୍ଞାନ କୌଶଳର ବ୍ୟବହାର ଦ୍ୱାରା ସେମାନେ ମୋର ପ୍ରକ୍ରିୟାକରଣ କରି ତେଲ ବାହାର କରୁଥିଲେ । ସେହି ତେଲକୁ ଘରୋଇ ଭାବେ ଖାଇବା ପାଇଁ ବ୍ୟବହାର କରାଯିବା ସହିତ ବତୀ ଜାଳିବା ପାଇଁ ମଧ୍ୟ ବ୍ୟବହାର କରାଯାଉଥିଲା । ଖାଦ୍ୟ ଅଭାବ ତଥା ଦୁର୍ଭିକ୍ଷ ସମୟରେ ମୋର ଶସକୁ ଗରିବଲୋକମାନେ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ ।

୧୯୬୭ ମସିହା କଥା, ପ୍ରଥମକରି ମୋର ବ୍ୟବସାୟଭିତ୍ତିକ ଚାହିଦା ସମ୍ବନ୍ଧରେ ଲୋକେ ଅବଗତ ହେଲେ । ଏହାପରେ ମୋତେ ନେଇ ଆରମ୍ଭ ହେଲା ଗବେଷଣା । କାଳକ୍ରମେ ମୋର ଆନ୍ତର୍ଜାତିକ ବଜାରରେ ଚକୋଲେଟ ଶିଳ୍ପରେ ଚାହିଦା ବିଷୟରେ ସମସ୍ତେ ଜାଣିଲେ ।

୧୯୭୪-୭୫ ମସିହାରେ ସର୍ବପ୍ରଥମେ ରାଜ୍ୟ ସରକାର ଓ.ଏଫ.ଡି.ସି. ଓ ଟି.ଡି.ସି.ସି. ଭଳି ସରକାରୀ ସଂସ୍ଥାକୁ ମୋର ସଂଗ୍ରହ ଓ ବିକ୍ରି କରିବା ପାଇଁ ଦାୟିତ୍ୱ ପ୍ରଦାନ କଲେ । ସରକାରୀ ସଂସ୍ଥା ଦ୍ୱାରା ସର୍ବ ପ୍ରଥମେ ଜୟପୁର ଓ ନବରଙ୍ଗପୁର ଜଙ୍ଗଲ ଅଞ୍ଚଳରୁ ମୋତେ ସଂଗ୍ରହ କରାଯାଇଥିଲା । ଏହାପରେ ୧୯୭୯-୮୦ ମସିହାରେ ସରକାରୀ ଅନୁଷ୍ଠାନ ସହିତ କେତେକ ବେସରକାରୀ ଅନୁଷ୍ଠାନକୁ ମୋର ସଂଗ୍ରହ ପାଇଁ ଲିଜ୍ ଦିଆଯାଇଥିଲା ।

ଏହାପରେ ବଜାର ଚାହିଦାକୁ ଦେଖି ସରକାର ମୋର ବ୍ୟବସାୟକୁ ନିଜ କବ୍‌ଜାକୁ ନେବା ନିମନ୍ତେ ଜାତୀୟକରଣ କଥା ଚିନ୍ତା କଲେ ଫଳ ସ୍ୱରୂପ ଆଜିକୁ ଠିକ୍ ୨୪ ବର୍ଷ ତଳେ, ଅର୍ଥାତ୍ ୧୯୮୩ ମସିହାରେ ଜାତୀୟକରଣ ଦ୍ରବ୍ୟ ଭାବେ ସାମିଲ ହେବା ପରେ ସରକାର ମୋର ସଂଗ୍ରହ ପାଇଁ ପୂର୍ବରୁ ଥିବା ସମସ୍ତ ଲିଜ୍ ଓ ଅନୁମତିକୁ ବାତିଲ କରିଦେଇଥିଲେ ଓ ସରକାରୀ ସଂସ୍ଥାକୁ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ୧୯୮୧ ମସିହା ଓଡ଼ିଶା ବନଜାତ ଦ୍ରବ୍ୟ (ବ୍ୟବସାୟ ନିୟନ୍ତ୍ରଣ) ଆଇନ୍ ଦ୍ୱାରା ପରିଚାଳିତ ହୋଇଥିଲା ।

ଜାତୀୟକରଣ ହେଲାପରେ ମୋର କିଲୋ ପ୍ରତି ଦର ୯୦ ପଇସା ଧାର୍ଯ୍ୟ କରାଯାଇଥିଲା ଏବଂ ଏହା ଉପରେ ୪ ପଇସା ରୟାଲଟି ମଧ୍ୟ ଥିଲା । ମୋତେ ଜାତୀୟକରଣ କରାଯିବା ବର୍ଷ ହିଁ ସବୁଠାରୁ ଅଧିକ ସଂଗ୍ରହ କରାଯାଇଥିଲା । ସେହିବର୍ଷ ୧,୦୬,୩୦୦ ମେଟ୍ରିକ୍ ଟନ୍ ସଂଗ୍ରହ ହୋଇଥିଲା । ସେହିବର୍ଷଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ୨୪ ବର୍ଷ ମଧ୍ୟରେ ଏହି ପରିମାଣର ମଞ୍ଜି ଆଉ କେବେ ସଂଗ୍ରହ ହୋଇପାରିନାହିଁ । ଏପରିକି ଠିକ୍ ତା ପରବର୍ଷ ସଂଗ୍ରହ ଋତୁରେ ଗତବର୍ଷର ସଂଗ୍ରହ କରାଯାଇଥିବା ପରିମାଣର ୪ ଭାଗରୁ ଏକ ଭାଗ ସଂଗ୍ରହ କରାଯାଇଥିଲା । ଏହାର ପରିମାଣ ଥିଲା ମାତ୍ର ୨୫,୦୦୦ ମେଟ୍ରିକ ଟନ୍ । କମ୍ ପରିମାଣର ସଂଗ୍ରହର ଏହି ଧାରା ୧୯୯୪ ମସିହା ପର୍ଯ୍ୟନ୍ତ ଚାଲି ଆସିଥିଲା ।

୧୯୯୧ ମସିହାରେ ଶିମିଳିପାଳ ବନ ଉନ୍ନୟନ ସଂସ୍ଥା ଓଡ଼ିଶା ବନ ବିଭାଗ ଓ ଓଡ଼ିଶା ବନ ନିଗମକୁ ଓଡ଼ିଶାର ସମସ୍ତ ଶାଳ ଜଙ୍ଗଲରୁ ମୋତେ ସଂଗ୍ରହ କରିବା ପାଇଁ କୁହାଗଲା । କିନ୍ତୁ ଫଳ ଯାହାକୁ ସେଇଆ । ମୋର ସଂଗ୍ରହ ଠିକ୍ ଭାବେ ହୋଇପାରିଲା ନାହିଁ । ୧୯୯୨-୯୪ ମସିହା ପର୍ଯ୍ୟନ୍ତ ସରକାର ଓ.ଏଫ୍.ଡି.ସି. ଓ ଟି.ଡି.ସି.ସି.କୁ ମୋତେ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ୧୯୯୫ ମସିହାରେ ମୋର ସଂଗ୍ରହ ପାଇଁ ଥିବା କାଇଦା କଟକଣାକୁ କିଛି ମାତ୍ରାରେ ପରିବର୍ତ୍ତନ କରିଥିଲେ । ଏହି ସମୟରେ ମୋର ପୂର୍ବରୁ ଥିବା କିଲୋଗ୍ରାମ ପ୍ରତି ଦର ୨ ଟଙ୍କା ୫୦ ପଇସାରୁ ୧ ଟଙ୍କା ୭୫ ପଇସାକୁ ଖସି ଆସିଥିଲା । ୧୯୯୫-୯୮ ମସିହା ମଧ୍ୟରେ ଯେ କେବଳ ମୋର ଦର କମି



ଯାଇଥିଲା ତା ନୁହେଁ, ମୋର ଉତ୍ପାଦନ ପରିମାଣ ମଧ୍ୟ ଯଥେଷ୍ଟ ହ୍ରାସ ପାଇଥିଲା । ଫଳରେ ମୋତେ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଲୋକେ ଆୟର ଏକ ମାଧ୍ୟମ ହରାଇଥିଲେ ଏବଂ ଅନ୍ୟ ଆୟ ପନ୍ଥା ସନ୍ଧାନ କରିଥିଲେ ।

୧୯୮୩-୧୯୯୪ ମସିହା ମଧ୍ୟରେ ଓ.ଏଫ୍.ଡି.ସି. ମୋତେ ସଂଗ୍ରହ ପାଇଁ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୬୨.୫ ପ୍ରତିଶତ ସଂଗ୍ରହ ହୋଇପାରିଥିଲା, କିନ୍ତୁ କଞ୍ଚାମାଲ ସଂଗ୍ରହକାରୀ (ଆର୍.ଏମ୍.ପି) ବ୍ୟବସ୍ଥା ଦ୍ୱାରା ୧୯୯୫-୯୮ ମସିହା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୪ ପ୍ରତିଶତ ସଂଗ୍ରହ ହେଲା । ଏଥିରୁ ଖୁବ୍ କମ୍ ପରିମାଣର ରୟାଲଟି ମିଳିଥିଲା, ଯାହା ଫଳରେ ୧୯୮୩-୧୯୯୪ ମସିହା ପର୍ଯ୍ୟନ୍ତ ଚାଲି ଆସିଥିବା ମୋର ପୁରୁଣା ନୀତିକୁ ପୁନର୍ବାର ଚାଲୁ କରାଗଲା । ତଥାପି ଏହା ସେତେଦୂର ସଫଳ ହୋଇନଥିଲା ଏବଂ ପ୍ରାଥମିକ ସଂଗ୍ରହକାରୀଙ୍କୁ ମଧ୍ୟ ସେମାନଙ୍କର ପ୍ରାପ୍ୟ ଠିକ୍ ଭାବରେ ମିଳୁନଥିଲା ।

ଏହାପରେ ସରକାର ନିଜର କାର୍ଯ୍ୟଧାରା ବଦଳାଇଲେ । ୧୯୯୯ ମସିହାରେ ଅଲଗା ଏଜେନ୍ସି ଓ ଅଲଗା ଆର୍.ଏମ୍.ପି. ବ୍ୟବସ୍ଥା କଲେ । ଓ.ଏଫ୍.ଡି.ସି, ଟି.ଡି.ସି.ସି. ଓ ମାର୍କଫେଡ ମଧ୍ୟରେ ସଂଗ୍ରହ କରିବା ନିମନ୍ତେ ଯଥାକ୍ରମେ ଜଙ୍ଗଲ ଡିଭିଜନକୁ ବାଣ୍ଟି ଦିଆଗଲା । ମାର୍କଫେଡ ପାଇଁ ହନୁମାନ ଭିଟାମିନ୍ସ ଫୁଡ୍ସ ଲିମିଟେଡକୁ ଆର୍.ଏମ୍.ପି. ଭାବେ ନିଯୁକ୍ତ କରାଯାଇଥିଲା । ପ୍ରିତୀ ଅଏଲ୍ ଲିମିଟେଡ, ଉତ୍କଳ ଅଏଲ୍ ଲିମିଟେଡକୁ ଓ.ଏଫ.ଡି.ସି. ଓ ଟି.ଡି.ସି.ସି. ଆର୍.ଏମ୍.ପି. ଭାବେ ଗ୍ରହଣ କରିଥିଲେ । ଏହି ସମୟରେ ମୋର କିଲୋଗ୍ରାମ ପ୍ରତି ଦର ୧ ଟଙ୍କା ୭୫ ପଇସାରୁ ୩ ଟଙ୍କାକୁ ବୃଦ୍ଧି ହୋଇଥିଲା ।

ଏହି ଘଟଣା ପରେ ୨୦୦୦ ମସିହାରେ ମୋର ସଂଗ୍ରହ ପାଇଁ ଏକ ନୀତି ପ୍ରସ୍ତୁତ କରାଯାଇଥିଲା ଏବଂ ୧୯୯୫ ମସିହାର ପୁରୁଣା ଏଜେଣ୍ଟ ବ୍ୟବସ୍ଥାକୁ ପୁଣିଥରେ ଲାଗୁ କରାଗଲା । ଯାହା ଫଳରେ ଓ.ଏଫ୍.ଡି.ସି. ଏବଂ ଟି.ଡି.ସି.ସି. ମୋର ସଂଗ୍ରହ ପାଇଁ ଦାୟିତ୍ୱ ନେଇଥିଲେ ଏବଂ ଏହି ବ୍ୟବସାୟରେ କୌଣସି ତେଲ ମିଲ୍‌କୁ କଞ୍ଚାମାଲ ସଂଗ୍ରହ ପାଇଁ ନିଯୁକ୍ତ କରାଯାଇନଥିଲା । ଏହି ବର୍ଷରେ ଉପରୋକ୍ତ ଦୁଇଗୋଟି ସରକାରୀ ସଂସ୍ଥାକୁ ରାଜ୍ୟ ଭିତରେ ତଥା ବାହାରେ ବଜାରରେ ମୋର ବିକ୍ରି କରିବା ପାଇଁ ମଧ୍ୟ ଅନୁମତି ମିଳିଥିଲା ।

୨୦୦୪ ମସିହାରେ ମୋର କିଲୋଗ୍ରାମ ପିଛା ଦର ୩ ଟଙ୍କାରୁ ୩ ଟଙ୍କା ୨୫ ପଇସାକୁ ବଢ଼ିଥିଲା । ଏହା ସଂଗ୍ରହକାରୀମାନଙ୍କୁ କିଛି ପରିମାଣରେ ଖୁସି କରିଥିଲା ସତ, କିନ୍ତୁ ମୋର ସଂଗ୍ରହର ପରିମାଣ ଆଉ ପୂର୍ବ ଭଳି ଅଧିକ ପରିମାଣରେ ହୋଇପାରିଲା ନାହିଁ । କ୍ରମେ କ୍ରମେ ଏହା କମିଯିବାରେ ଲାଗିଲା । ତେଣୁ ସରକାର ମୋର ବ୍ୟବସାୟକୁ ଆଉ ସମ୍ଭାଳି ପାରିଲେ ନାହିଁ । ଏପରି ପରିସ୍ଥିତି ଆସି ପହଞ୍ଚିଲା ସରକାର ମୋର ଜାତୀୟକରଣକୁ ରଦ୍ଦ କରିଦେଲେ ଏବଂ ମୋର ମାଲିକାନା, ପରିଚାଳନା ଏବଂ ନିୟନ୍ତ୍ରଣ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କଲେ ବୋଲି ମାର୍ଚ୍ଚ ମାସ ୨୦୦୬ ମସିହାରେ ଏକ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଦେଲେ ଓ ଏଥି ନିମନ୍ତେ ବାହା ବାହା ନେବାକୁ ଚେଷ୍ଟା କଲେ । ତେବେ ସେ ଯାହା ହେଉନା କାହିଁକି ଅନେକ ବର୍ଷ ହେଲା ମୋ ଉପରେ ଥିବା ସରକାରୀ କଳର ନିୟନ୍ତ୍ରଣର ଅବସାନ ଘଟିଲା ଏବଂ ମୁଁ ଏଥିରୁ ମୁକୁଳି ଗଲି । ଗ୍ରାମପଞ୍ଚାୟତକୁ ମୋର ସଂଗ୍ରହ ପାଇଁ ଅନୁମତି ମିଳିବାରୁ ମୁଁ ପୁଣି ଲୋକଙ୍କ ପାଖକୁ ଫେରି ଆସିଛି ।



ମୋର କିଲୋଗ୍ରାମ ପିଛା ଦର ଗତ ଦଶ ବର୍ଷ ମଧ୍ୟରେ କେବେ ହେଲେ ୩ ଟଙ୍କା ୨୫ ପଇସାରୁ ଅଧିକ ହୋଇପାରିନଥିଲା; ଯେଉଁ ସମୟରେ ଅନ୍ୟାନ୍ୟ ବିହାର, ମଧ୍ୟପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼ ଭଳି ମଧ୍ୟ ଭାରତୀୟରାଜ୍ୟ ମାନଙ୍କରେ ଦର ଏହାଠାରୁ ଯଥେଷ୍ଟ ଉଚ୍ଚା ଥିଲା । ଏହାର କାରଣ ଥିଲା ଦୁର୍ବଳ ସରକାରୀ ନୀତି ଓ ବିକ୍ରୟ ଜନିତ ଅବ୍ୟବସ୍ଥା । ସରକାରୀ ବ୍ୟବସାୟ ସଂସ୍ଥାଗୁଡ଼ିକ ନିଜ ଡିଭିଜନର ସଂଗ୍ରହ ଅଞ୍ଚଳରେ ମୋର ସଂଗ୍ରହ କରୁଥିଲେ କିନ୍ତୁ ସଂଗ୍ରହକାରୀମାନେ ସେମାନଙ୍କର ସଂଗ୍ରହ ନିମନ୍ତେ ଉଚିତ୍ ମୂଲ୍ୟ ପାଉନଥିଲେ । ଏହାର ମୁଖ୍ୟ କାରଣ ପ୍ରାଥମିକ ସଂଗ୍ରହକାରୀଙ୍କ ଅଜ୍ଞତା । ସେମାନେ କେବଳ ସଂଗ୍ରହ କରିବା, ବିକ୍ରି କରିବା ଜାଣିଥିଲେ, କିନ୍ତୁ ବିକ୍ରି ଦର ବିଷୟରେ ଜାଣିପାରୁନଥିଲେ କି ଓଜନ ମାପ ବିଷୟରେ ମଧ୍ୟ ଧ୍ୟାନ ଦେଉନଥିଲେ । ଫଳରେ ସଂଗ୍ରହକାରୀମାନେ ସେମାନଙ୍କର ଉପଯୁକ୍ତ ପ୍ରାପ୍ୟ ପାଉନଥିଲେ ଏବଂ ଓଜନରେ ମଧ୍ୟ କ୍ଷତି ସହୁଥିଲେ ।

୨୦୦୫ ମସିହାରେ ଟି.ଡି.ସି.ସି. ତରାଙ୍କୁ

ବ୍ୟବହାର କରି ମୋତେ କିଣିବା ଆରମ୍ଭ କରିଥିଲେ । କିନ୍ତୁ ତା ପୂର୍ବରୁ ଟିଣ (ସ୍ଥାନୀୟ ଭାଷାରେ ଟିପା)ରେ ମୋର କିଣାବିକା ହେଉଥିଲା । ଏହାଦ୍ୱାରା ସରଳ ବନବାସୀ ଏବଂ ଆଦିବାସୀମାନେ ବେଶୀ ଜିନିଷ ବଦଳରେ କମ୍ ପଇସା ପାଇବା ସାର ହେଉଥିଲା । କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର (ଏମ୍. ରାମପୁର) ବ୍ଲକ୍‌କୁ ଏହାର ଏକ ଉଦାହରଣ ଭାବେ ନିଆଯାଇପାରେ । ଉକ୍ତ ବ୍ଲକ୍‌ର ଅନେକ ଗ୍ରାମଗୁଡ଼ିକରେ ଏହିପରି ଭାବେ ମୋତେ ସଂଗ୍ରହ କରାଯାଇଥିଲା । ଉକ୍ତ ବ୍ଲକ୍‌ର ମାଣିକେରା ଗ୍ରାମପଞ୍ଚାୟତର ରୁବେନ ଗ୍ରାମରେ ଥିବା ଅଧିବାସୀ ତଥା ପ୍ରାଥମିକ ସଂଗ୍ରହକାରୀମାନେ ଏହି ବିଷୟ ପ୍ରକାଶ କରିଛନ୍ତି । ଏହି ଗ୍ରାମର ଗଣେଶ୍ୱର ମାଝି, ବାଟୁଲି ମାଝି, ତନାମ ମାଝି, ଝାଗେ ମାଝି, ଟୁପାଡି ମାଝି ପ୍ରମୁଖ କହନ୍ତି ଯେ ଟି.ଡି.ସି.ସି. ଆମଠାରୁ ଟିପା (ଟିଣ)ରେ ମଞ୍ଜି ସଂଗ୍ରହ କରୁଥିଲା, ଏବଂ ଟିଣ ପ୍ରତି ୨୦ ଟଙ୍କା କରି ଦେଉଥିଲା । ଉକ୍ତ ଆଦିବାସୀଙ୍କ ପାରମ୍ପରିକ ମାପ "ମାଣ" ଅନୁସାରେ ଗୋଟିଏ ଟିଣରେ ୫ ମାଣ ମଞ୍ଜି ଧରିଥାଏ ଏବଂ ଗୋଟିଏ ମାଣରେ ୪ କିଲୋଗ୍ରାମ ମଞ୍ଜି ଧରିଥାଏ । ତେଣୁ ସର୍ବମୋଟ ୨୦ କିଲୋଗ୍ରାମ ମଞ୍ଜି ଉକ୍ତ ଟିଣରେ ଧରିଥାଏ । ତେଣୁ ଟିଣକୁ ହିସାବଭାବେ ଗ୍ରହଣକଲେ କିଲୋଗ୍ରାମ ପ୍ରତି ୩.୨୫ ପଇସା ହାରରେ ଜଣେ ସଂଗ୍ରହକାରୀ ୬୫ ଟଙ୍କା ପାଇବା କଥା । କିନ୍ତୁ କିଲୋଗ୍ରାମ ହାରରେ ସଂଗ୍ରହକାରୀଙ୍କଠୁ କିଣା ନଯାଇ ଟିଣ ମାଧ୍ୟମରେ କିଣାଯାଇ ସେମାନଙ୍କୁ ଉଭୟ ଓଜନ ଓ ଦରରେ ଠକେଇ କରାଯାଇଥିଲା । ଯାହା ଫଳରେ ଜଣେ ସଂଗ୍ରହକାରୀ ୨୦ କିଲୋଗ୍ରାମ ମଞ୍ଜି ବିକ୍ରି କରି ମାତ୍ର ୨୦ ଟଙ୍କା ପାଉଥିଲା । ଅର୍ଥାତ୍ କିଲୋପ୍ରତି ୩ ଟଙ୍କା ୨୫ ପଇସାରୁ ଜଣେ ସଂଗ୍ରହକାରୀ ମାତ୍ର ୧ଟଙ୍କା ପାଉଥିଲା । ଏହି ଠକାମି ବିଷୟରେ କିଛି ସଂଗ୍ରହକାରୀ ଜାଣିଯିବା ପରେ ୨୦୦୫ ମସିହାରେ ୩ ଟଙ୍କା ୨୫ ପଇସା ଦରରେ ମୋତେ ତରାଜୁରେ ଓଜନ କିଲୋଗ୍ରାମ ହିସାବରେ କରି କିଣିବା ଆରମ୍ଭ କରିଥିଲା ଟି.ଡି.ସି.ସି. ।



**ମୋର ବ୍ୟବସାୟ ଏବେ ଲୋକଙ୍କ ହାତ ମୁଠାରେ**

ବିଗତ କୋଡିଏ ବର୍ଷ ତଳର ମୋର ବ୍ୟବସାୟ ଇତିହାସକୁ ଯଦି ଓଲଟା ଯାଏ ଓ ବର୍ତ୍ତମାନର ବ୍ୟବସାୟ, ବଜାର ଦର ସହିତ ତୁଳନା କରାଯାଏ, ତେବେ ସ୍ୱତଃ ଜଣା ପଡ଼ିବ ମୋର ବ୍ୟବସାୟ ଏବେ କାହା ହାତରେ !

ମୋ ଉପରୁ ପୂର୍ବରୁ ଲାଗିଥିବା କଟକଣା ଉଠିଯିବା ସହିତ ଓ.ଏଫ୍.ଡି.ସି. ଓ ଟି.ଡି.ସି.ସି.ର ଏକଚାଟିଆ କାରବାର ମଧ ଉଠିଯାଇଛି । ଯାହା ଫଳରେ ମୋତେ ସଂଗ୍ରହ ତଥା ବ୍ୟବସାୟ କରିବା ପାଇଁ ପ୍ରାଥମିକ ସଂଗ୍ରହକାରୀଙ୍କୁ ଆଉ ଉକ୍ତ ସଂସ୍ଥା ଉପରେ ନିର୍ଭର କରିବାକୁ ପଡୁନାହିଁ । କାରଣ ମୋର ବ୍ୟବସାୟ କରିବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା, ସ୍ୱୟଂ ସହାୟକ ଦଳ ତଥା ମହିଳା ସମିତି ଗୁଡ଼ିକ ଆଗେଇ ଆସିଛନ୍ତି । ଫଳରେ ମୋର ବ୍ୟବସାୟ ପାଇଁ ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଢିଯାଇଛି । ଏହାର ସମ୍ପୂର୍ଣ୍ଣ ସୁବିଧା ସଂଗ୍ରହକାରୀମାନେ ନେଉଛନ୍ତି । ପୂର୍ବରୁ ପ୍ରାଥମିକ ସଂଗ୍ରହକାରୀଟିଏ ୩ ଟଙ୍କା ବା ୩ଟଙ୍କା ୨୫ ପଇସା ପାଉଥିବାସ୍ଥଳେ ଏବେ ବ୍ୟବସାୟୀ ସଙ୍ଗେ ଦର ସମ୍ବନ୍ଧରେ ମୁଲଚାଲ କରିପାରୁଛି ଓ ଠିକ୍ ମୂଲ୍ୟ ମଧ ପାଇପାରୁଛି ।

ମୋର ବ୍ୟବସାୟରେ ସହଯୋଗ କରିବା ପାଇଁ ତଥା ବିକ୍ରି କରିବା ପାଇଁ ଓଡ଼ିଶାରେ କେତେକ ସହଯୋଗୀ ଅନୁଷ୍ଠାନ ଓ ବେସରକାରୀ ସଂସ୍ଥା ଆଗେଇ ଆସିବା ଫଳରେ ମୋର ବ୍ୟବସାୟର ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି; କାରଣ ମୋର ବର୍ତ୍ତମାନ କିଲୋପିଛା ଦର ଆଉ ସେଇ ୩ ଟଙ୍କା ୨୫ ପଇସାରେ ସିମୀତ ନହୋଇ ସ୍ଥଳ ବିଶେଷରେ ୪ ଟଙ୍କାରୁ ୬ ଟଙ୍କା ୨୫ ପଇସାରେ ବିକ୍ରି ହୋଇଛି ଏବଂ ପଇସା ସିଧାସଳଖ ପ୍ରାଥମିକ ସଂଗ୍ରହକାରୀଙ୍କ ହାତକୁ ଯାଉଛି ।

ବିଗତ ୨୪ ବର୍ଷ ମଧ୍ୟରେ ଯାହା ହୋଇପାରିନଥିଲା ତାହା ମାତ୍ର ଗୋଟିଏ ବର୍ଷରେ ଏଇ ସଂସ୍ଥାମାନଙ୍କ ସଦୁପୋଯୋଗ ଦ୍ୱାରା ସମ୍ଭବ ହୋଇପାରିଛି । ଯାହା ଫଳରେ ମୋର ମୂଲ୍ୟର ପ୍ରାୟ ଦୁଇ ଗୁଣା ପଇସା ଏବେ ସାଧାରଣ ସଂଗ୍ରହକାରୀ ପାଇପାରୁଛି । ଯାହାକୁ ଦେଖି ମତେ ଖୁବ୍ ଖୁସୀ ଲାଗୁଛ‌ଏବଂ ମୋ ବ୍ୟବସାୟ ଏବେ ଲୋକଙ୍କ ହାତରେ ଥିଲା ଭଳି ଲାଗୁଛି ।

✦

# ମହୁଲ ବ୍ୟବସାୟ ଓ ଅବକାରୀ କଟକଣା

ଓଡ଼ିଶାରେ ଉପଲବ୍ଧ ହେଉଥିବା ମୁଖ୍ୟ ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ମହୁଲ ଅନ୍ୟତମ । ପ୍ରାଥମିକ ସଂଗ୍ରହକାରୀ ମହୁଲ ଭଳି ଅନ୍ୟାନ୍ୟ ବନଜାତ ଦ୍ରବ୍ୟକୁ ସଂଗ୍ରହ କରିଥାଏ ସତ ; କିନ୍ତୁ ତାହାର ବଜାର ଦର, ବଜାର ବ୍ୟବସ୍ଥା ତଥା ସାମୁହିକ ବିକ୍ରି ସମ୍ବନ୍ଧରେ ତାହାର କୌଣସି ଜ୍ଞାନ ନଥିବାରୁ ସଂଗୃହୀତ ବନଜାତ ଦ୍ରବ୍ୟକୁ ବଜାରରେ ଶାଗମାଛ ଭଳି ଦର ବା ଅତି ଶସ୍ତାରେ ବିକ୍ରି କରିଥାଏ । ଫଳରେ ସଂଗ୍ରହ ପାଇଁ କରିଥିବା ପରିଶ୍ରମର ମଧ୍ୟ ପଇସା ଉଠିପାରିନଥାଏ । ଏହାର ସବୁ ଫାଇଦା ମୁନାଫା ଖୋର ବ୍ୟବସାୟୀ ଉଠାଇଥାଏ ।

ବିହାର ଓଡ଼ିଶା ଅବକାରୀ ଆଇନ୍ ୧୯୧୫ ଅଧିନରେ ଆମ ରାଜ୍ୟର ଅବକାରୀ ଆଇନ୍ ପରିଚାଳିତ ହେଉଛି । ଏହି ଆଇନ୍ ଅଧିନରେ ଅନେକ ମାଦକ ପଦାର୍ଥ ଅନ୍ତର୍ଭୁକ୍ତ ହୋଇଛି । ଯାହା ମଧ୍ୟରୁ 'ମହୁଲି' ମଦ ଗୋଟିଏ । ଏହି 'ମହୁଲି' ଏକ ମାଦକ ଦ୍ରବ୍ୟ ଯାହା "ମହୁଲ ଫୁଲ"ରୁ ପ୍ରସ୍ତୁତ ହୋଇଥାଏ । ତେଣୁ ମହୁଲି ମଦ ଉପରେ ରାଜ୍ୟ ଅବକାରୀ କଟକଣା ଲାଗିବା ସହିତ ମହୁଲ ଉପରେ ମଧ୍ୟ ଅବକାରୀ କଟକଣା ଲଗାଯାଇଛି । ତେଣୁ ଦୀର୍ଘ ବର୍ଷ ଧରି ମହୁଲ ଅବକାରୀ ଆଇନ୍‌ର ଅନ୍ତର୍ଭୁକ୍ତ ହୋଇରହିଛି । ୧୯୯୧ ମସିହାରେ ବିଜୁ ପଟ୍ଟନାୟକ ସରକାର ଦ୍ୱାରା ଏହାର



ଜାତୀୟକରଣ କରାଯାଇଥିବା ସମୟରେ ଏହା କିଛି ମାସ ପାଇଁ ଅବକାରୀ ଆଇନ୍ ଠାରୁ ମୁକ୍ତ ରହିଥିଲା । ଏହା ପରେ ୨୦୦୦ ମସିହାର ନୂତନ ବନଜାତ ଦ୍ରବ୍ୟ ନିୟମ ଅନୁଯାୟୀ ଲଘୁ ବନଜାତର ମାଲିକାନା ଗ୍ରାମପଞ୍ଚାୟତକୁ ଦିଆଯିବା ପରେ ମଧ୍ୟ ମହୁଲ ଉପରେ ପୂର୍ବପରି କଟକଣା ଲାଗୁ କରାଯାଇଛି ଏବଂ ଅବକାରୀ ବିଭାଗ ଲାଇସେନ୍ସ ଯୋଗେ ଏହାର ବିକ୍ରି, ସଂରକ୍ଷଣ ଓ ପରିବହନ ଉପରେ ନିୟନ୍ତ୍ରଣ ଜାରୀ ରଖିଛନ୍ତି ; ମହୁଲ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତ୍ୟେକ ଘରେ ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ । ଏଣୁ ଏହା ଯେ କେବଳ ମାଦକ ଦ୍ରବ୍ୟଭାବରେ ବ୍ୟବହୃତ ହୁଏ ନାହିଁ । ଏଣୁ ଏହା ଉପରେ କଟକଣା ଲଗାଇଲାବେଳେ ଅନ୍ୟ ବ୍ୟବହାରଗୁଡ଼ିକୁ ମଧ୍ୟ ଆଖି ଆଗରେ ରଖିବା ଆବଶ୍ୟକ ।

**ମହୁଲ ବ୍ୟବସାୟ: ଆଦିବାସୀଙ୍କୁ ଶୋଷଣ**

ପୂର୍ବ ଭଳି ଆଜି ମଧ୍ୟ ମହୁଲର ବ୍ୟବସାୟ କରିବାର ଅଧିକାର ବିଭିନ୍ନ ଉଦ୍ୟୋଗୀ ତଥା ପୁଞ୍ଜିପତିଙ୍କର ହାତ ମୁଠାରେ ରହିଆସିଛି ; ଯଦିଓ ବର୍ତ୍ତମାନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳା ସମବାୟ ସଂଘ ଓ ସମିତି ଗୁଡ଼ିକ ଏହାର ବ୍ୟବସାୟ କରିବାକୁ ଆଗେଇ ଆସିଛନ୍ତି । ବର୍ତ୍ତମାନ ପଞ୍ଚାୟତ ସମିତି ଯଦିଓ ମହୁଲର ମୂଲ୍ୟ ଧାର୍ଯ୍ୟ କରୁଛି ତଥାପି ଉକ୍ତ ଅଞ୍ଚଳର ସାଧାରଣ ପ୍ରାଥମିକ ସଂଗ୍ରହକାରୀମାନେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟରେ ମହୁଲ ବିକ୍ରି କରିବାକୁ ଏକ ପ୍ରକାର ବାଧ ହେଉଛନ୍ତି । ୨୦୦୦ ମସିହା ପୂର୍ବରୁ ପ୍ରାଥମିକ ସଂଗ୍ରହକାରୀମାନେ ମହୁଲ ସଂଗ୍ରହ କରି ସ୍ଥାନୀୟ ମହୁଲ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ । ଏହି ସ୍ଥାନୀୟ ବ୍ୟବସାୟୀମାନେ ଗୋଦାମରେ ୨୦୦ ରୁ ୫୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଜମା କରି ପରେ ବଡ଼ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ । କେତେକ କ୍ଷେତ୍ରରେ ସ୍ଥାନୀୟ ବ୍ୟବସାୟୀମାନେ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ମହୁଲ ସଂଗ୍ରହ ପାଇଁ ଏକ ମଧ୍ୟସ୍ଥିଙ୍କୁ ରଖୁଥିଲେ ଯିଏ ମହୁଲ କ୍ୱିଣ୍ଟାଲ ପିଛା ୪୦ ରୁ ୫୦ ଟଙ୍କା ପର୍ଯ୍ୟନ୍ତ ଅଗ୍ରିମ ଅର୍ଥ ନେଉଥିଲେ । ଏହି ମଧ୍ୟସ୍ଥି ବ୍ୟବସ୍ଥା ଦ୍ୱାରା ପ୍ରାଥମିକ ସଂଗ୍ରହକାରୀ କମ୍ ମୂଲ୍ୟ ପାଉଥିଲେ ।

ମହୁଲକୁ ସାଧାରଣତଃ ୩ଟି ଗ୍ରେଡରେ ବିଭକ୍ତ କରାଯାଇଥାଏ ଯଥା ଗ୍ରେଡ ୧, ୨ ଓ ୩ । ମହୁଲକୁ ବିକ୍ରି କଲାବେଳେ ଏହି ମଧ୍ୟସ୍ଥି କିମ୍ବା ସ୍ଥାନୀୟ ବ୍ୟବସାୟୀ ଗ୍ରେଡକୁ ଆଧାର କରି ପ୍ରାଥମିକ ସଂଗ୍ରହକାରୀଙ୍କୁ ନାନା ଉପାୟରେ ଠକିଥାନ୍ତି । ସେହିଭଳି ଉକ୍ତ ଅଞ୍ଚଳମାନଙ୍କରେ ସ୍ଥାନୀୟ ବ୍ୟବସାୟୀମାନେ ଦ୍ରବ୍ୟ ଅଦଳବଦଳ ନୀତି ଜାରୀ କରୁଛନ୍ତି । ସେମାନେ ପ୍ରାଥମିକ ସଂଗ୍ରହକାରୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦେଇ ମହୁଲ କିଣୁଛନ୍ତି । ସେମାନେ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ଗୋଟିଏ ବ୍ୟାଗ୍ ଲୁଣ ବଦଳରେ ୧୦ କିଲୋରୁ ଅଧିକ ମହୁଲ ଆଦାୟ କରୁଛନ୍ତି । ଏହି ମହୁଲକୁ ସେମାନେ "ଟିଣମାପ"ରେ ସଂଗ୍ରହ କରୁଛନ୍ତି ।

**ବିକ୍ରୟ ଏବଂ ପରିବହନ**

ପ୍ରାଥମିକ ସଂଗ୍ରହକାରୀଙ୍କୁ ଏହିଭଳି ଠକିଲା ପରେ ସ୍ଥାନୀୟ ବିକ୍ରେତାମାନେ ନିଜ ସହର କିମ୍ବା ଅନ୍ୟ ଜିଲ୍ଲାରେ ଥିବା ଗୋଦାମ ଘରେ ମହୁଲକୁ ୪ ରୁ ୫ ମାସକାଳ ଗଚ୍ଛିତ କରି ରଖୁଥିଲେ । ଏଥିଲାଗି ସେମାନେ ରାଜ୍ୟ ମଧ୍ୟରେ ପରିବହନ ପାଇଁ କ୍ୱିଣ୍ଟାଲ ପିଛା ୧୦ ଟଙ୍କା ପ୍ରଦାନ କରୁଥିଲେ । ଏହାପରେ ବଡ଼ ବ୍ୟବସାୟୀ ସ୍ଥାନୀୟ

ବ୍ୟବସାୟୀଙ୍କଠାରୁ ମହୁଲ କିଣି ସ୍ଥାନୀୟ କିମ୍ବା ପଡୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟରେ ଥିବା 'ମହୁଲି' ମଦ ପ୍ରସ୍ତୁତକାରୀ କମ୍ପାନୀକୁ ପରିବହନ କରି ବିକ୍ରି କରୁଥିଲେ । ଏହି ଆନ୍ତଃ ରାଜ୍ୟ ପରିବହନ ଲାଗି ବଡ଼ ବ୍ୟବସାୟୀ କ୍ୱିଣ୍ଟାଲ ପିଛା ୬୦ ଟଙ୍କା ଲେଖାଏଁ ପ୍ରଦାନ କରୁଛନ୍ତି ।

ଗତ ୫/୬ ବର୍ଷ ମଧ୍ୟରେ ଅନେକ ସ୍ଥାନରେ ଅନୁସୂଚୀତ ଅଞ୍ଚଳରେ ଥିବା ପ୍ରାଥମିକ ସଂଗ୍ରହକାରୀମାନେ ସାମୂହିକ ଭାବେ ସ୍ୱୟଂ ସହାୟକ ସଂଘ ଗଠନ କରି ମହୁଲର ବ୍ୟବସାୟ କରିବା ଲାଗି ଆଗେଇ ଆସିଛନ୍ତି ଏବଂ ସ୍ଥାନୀୟ ବ୍ୟବସାୟୀର ସ୍ଥାନକୁ ଅଧିକାର କରିଛନ୍ତି କହିଲେ ଚଳେ । ଏହି ସ୍ୱୟଂ ସହାୟକ ଦଳଗୁଡ଼ିକ ମହୁଲ ଗଚ୍ଛିତ କରି ସିଧାସଳଖ ବଡ଼ ବ୍ୟବସାୟୀଙ୍କୁ ଉଚିତ ଦରରେ ବିକ୍ରି କରୁଛନ୍ତି । କିନ୍ତୁ ଏହା କେବଳ ଅଧିକ ଆର୍ଥିକ ସମ୍ବଳ ଥିବା ସଂସ୍ଥା ବା ଦଳ ଦ୍ୱାରା ଏହାର ବ୍ୟବସାୟ ହେଉଥିବା ବେଳେ ଗୋଟିଏ ସାଧାରଣ ଦଳ ବା ସଂଘ ଦ୍ୱାରା ଏହା ସଠିକ ଭାବେ ବ୍ୟବସାୟ ହୋଇପାରୁନାହିଁ ।

ଗ୍ରାମପଞ୍ଚାୟତକୁ କ୍ଷମତା ହସ୍ତାନ୍ତର ହେବାପରେ ମହୁଲର ବ୍ୟବସାୟ କରିବାକୁ ଆଗେଇ ଆସିଥିବା କେତେକ ସମବାୟ ସଂସ୍ଥାଗୁଡ଼ିକ ବ୍ୟବସାୟ ଲାଗି ପୁଞ୍ଜି ଖଟାଇ ପାରିଲେନାହିଁ । ଯେଉଁ କେତେକ ସଂସ୍ଥା ଯେତିକି ପୁଞ୍ଜି ବିନିଯୋଗ କଲେ ତାହା ବ୍ୟବସାୟ ପରିଚାଳନା ପାଇଁ ନିଅଣ୍ଟ ପଡ଼ିଲା । ଏପରି ହେଲା ଲାଭ କଥା ପଛେ ଥାଉ, ଯେଉଁ ମୂଳଧନ ଉକ୍ତ ବ୍ୟବସାୟରେ ଲାଗିଥିଲା ତାହା ମଧ୍ୟ ମିଳି ପାରିଲାନାହିଁ । ଏହାର କାରଣ ଏହି ବ୍ୟବସାୟ ଲାଗି ଅତିରିକ୍ତ ଖର୍ଚ୍ଚର ଆବଶ୍ୟକ ପଡୁଥିଲା ।

ସମ୍ବଲପୁରସ୍ଥିତ 'ମାସ' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଦୁର୍ଗେଶ୍ୱରୀ ମହିଳା ସଞ୍ଚୟ ସମିତି ମହୁଲ ବ୍ୟବସାୟ ଲାଗି ଉଦ୍ୟମ କରିଥିଲା । କିନ୍ତୁ ଶେଷରେ ଅନେକ ଆର୍ଥିକ କ୍ଷତି ଉଭୟ ଅନୁଷ୍ଠାନକୁ ସହିବାକୁ ପଡ଼ିଥିଲା ଓ ଉଭୟ ଅନୁଷ୍ଠାନ ମହୁଲ ବ୍ୟବସାୟ କରିବା ଆଶା ଛାଡିଥିଲେ । ଏହାର ମୁଖ୍ୟ କାରଣ ହେଲା ରାଜ୍ୟ ଅବକାରୀ ଆଇନ୍ । ୯.୯.୨୦୦୪ ମସିହାରେ ରାଜ୍ୟ ସରକାରଙ୍କ ୭୨୯୯ ନଂ ନିର୍ଦ୍ଦେଶନାମାରେ ଜଣେ ବ୍ୟକ୍ତି କିମ୍ବା ପରିବାର ଅଣ ସଂଗ୍ରହ ଋତୁ ସମୟରେ ୧ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଏବଂ ସଂଗ୍ରହ ଋତୁ ସମୟରେ ୫ କ୍ୱିଣ୍ଟାଲ ମହୁଲ ଗଚ୍ଛିତ ରଖିପାରିବେ ।

ସରକାରଙ୍କର ଏହି ନିୟମ ବାଦ ଅନ୍ୟ ଖର୍ଚ୍ଚ ବୃଦ୍ଧି ହେବା କାରଣରୁ କେବଳ ବଡ଼ ସଂସ୍ଥାମାନେ ମହୁଲର ବ୍ୟବସାୟ କରିବା ପାଇଁ ସମର୍ଥ ହେଉଥିବା ସ୍ଥଳେ ଛୋଟ ସଂସ୍ଥା ନିଜର ଆର୍ଥିକ ଅଭାବ ପାଇଁ ଏହାର ବ୍ୟବସାୟ ପାଇଁ ସମର୍ଥ ହେଉନାହାନ୍ତି । ମହୁଲକୁ ଗଚ୍ଛିତ ରଖିବା ଓ ପରିବହନ ପାଇଁ ଯେଉଁ ପରିମାଣର ଅର୍ଥ ଧାର୍ଯ୍ୟ କରାଯାଇଛି ତାହାହିଁ ଏହାର ମୁଖ୍ୟ କାରଣ । ୨୦୦୬-୦୭ ମସିହା ପାଇଁ ମହୁଲ ଫୁଲ ଗଚ୍ଛିତ ରଖିବା ତଥା ପରିବହନ ପାଇଁ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ୨୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମହୁଲ ଗଚ୍ଛିତ କଲେ ଲାଇସେନ୍ସ ଫି ୧୦୦୦ ଟଙ୍କା ରଖାଯାଇଥବାବେଳେ ୨୦୧ ରୁ ୫୦୦ କ୍ୱିଣ୍ଟାଲ ପାଇଁ ୨୦୦୦ ଟଙ୍କା, ୫୦୧ ରୁ ୧୦୦୦ କ୍ୱିଣ୍ଟାଲ ପାଇଁ ୫୦୦୦ ଟଙ୍କା ୧୦୦୧ ରୁ ୨୦୦୦ କ୍ୱିଣ୍ଟାଲ ପାଇଁ ୭୫୦୦ ଟଙ୍କା, ୨୦୦୧ ରୁ ୫୦୦୦ କ୍ୱିଣ୍ଟାଲ ପାଇଁ ୧୦,୦୦୦ ଟଙ୍କା ଏବଂ ୫୦୦୦ କ୍ୱିଣ୍ଟାଲରୁ ଅଧିକ ଗଚ୍ଛିତ କଲେ ୧୫,୦୦୦ ଟଙ୍କା ଭଳି ବିପୁଳ ପରିମାଣର ଲାଇସେନ୍ସ ଫି ଧାର୍ଯ୍ୟ କରାଯାଇଛି । ସେହିଭଳି ରପ୍ତାନୀ ଲାଗି ମହୁଲ କ୍ୱିଣ୍ଟାଲ ପିଛା ୬୦ ଟଙ୍କା ରଖାଯାଇଥିବାବେଳେ ରାଜ୍ୟ ମଧ୍ୟରେ ମହୁଲର ପରିବହନ ଲାଗି କ୍ୱିଣ୍ଟାଲ ପିଛା ୧୦ ଟଙ୍କା ରଖାଯାଇଛି ଏବଂ ଆଶ୍ଚର୍ଯ୍ୟର ବିଷୟ ରାଜ୍ୟ ବାହାରେ ପରିବହନ ଲାଗି କ୍ୱିଣ୍ଟାଲ ପିଛା ମାତ୍ର ୧ ଟଙ୍କା ପରିବହନ ମୂଲ୍ୟ ରଖାଯାଇଛି ।

ଯଦି ମହୁଲର ବ୍ୟବସାୟ ପାଇଁ ଲାଇସେନ୍ସ ସଂରକ୍ଷଣ ଓ ପରିବହନ ଲାଗି ଏପରି ପରିମାଣର ଅର୍ଥ ଲାଗୁ କରାଯିବ ତେବେ ଏହାର ବ୍ୟବସାୟ କେବେହେଲେ ମଧ୍ୟ ଆଗେଇ ପାରିବନାହିଁ କିମ୍ବା ଜଣେ ସାଧାରଣ ପ୍ରାଥମିକ ସଂଗ୍ରହକାରୀ ତା ଜୀବନ କାଳ ମଧ୍ୟରେ ମହୁଲକୁ ପାଥେୟକରି ଜୀବନଧାରଣ କରିପାରିବନାହିଁ । ତେଣୁ ମହୁଲ ପାଇଁ ଥିବା ଅବକାରୀ ନିୟମରେ ସଂଶୋଧନ ନିହାତି ଜରୁରୀ ହୋଇପଡ଼ିଛି ।

ମହୁଲର ଗୋଦାମକରଣ ଓ ପରିବହନ ଉପରେ କଟକଣା ନରଖି ଯଦି କେବଳ ମହୁଲି ମଦ ଉପରେ କଟକଣା ଜାରିହୁଅନ୍ତା ତେବେ ପ୍ରାଥମିକ ସଂଗ୍ରହକାରୀମାନେ ଉପକୃତ ହୁଅନ୍ତେ ଏହା ନିଃସନ୍ଦେହରେ କୁହାଯାଇପାରେ ।

✦



# ଭୁଇଁନିମ୍ବ

ଚରକ ସଂହିତା, ଶୁଶ୍ରୁତ ସଂହିତା ଭଳି ଆର୍ଯୁର୍ବେଦ ଗ୍ରନ୍ଥମାନଙ୍କରେ ଔଷଧିୟ ବୃକ୍ଷ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଏହା ସହିତ ତାହାର ଚିହ୍ନଟ ପ୍ରଣାଳୀ, ଔଷଧ ପ୍ରସ୍ତୁତି ପ୍ରଣାଳୀ ଓ ସେବନ ପ୍ରଣାଳୀ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ଔଷଧିୟ ବୃକ୍ଷମାନଙ୍କ ମଧ୍ୟରୁ ଭୁଇଁନିମ୍ବ ଗୋଟିଏ । ଏହାର ଔଷଧିୟ ପ୍ରୟୋଗ ମାତ୍ରାଧିକ ଭାବରେ ବହୁ ପୁରାତନ କାଳରୁ ଅଦ୍ୟାବଧି ସମୟ ପର୍ଯ୍ୟନ୍ତ କରାଯାଇଆସୁଛି । ସାମ୍ପ୍ରତିକ ସମୟରେ ମୁଖ୍ୟତଃ ଜ୍ୱର ରୋଗ ଓ ଅନ୍ୟାନ୍ୟ ରୋଗର ଉପଶମ ଲାଗି ଏହାର ବହୁଳ ବ୍ୟବହାର କରାଯାଉଛି । ଫଳରେ ଭୁଇଁନିମ୍ବର ପରିମାଣ ଦେଶରେ କ୍ରମେ ହ୍ରାସ ପାଇବାରେ ଲାଗିଛି । ଏଣୁ ଏହାର ଚାଷର ଆବଶ୍ୟକତା ଦେଖାଦେଇଛି । ଏହାର ଚାଷ ଖୁବ୍ ସହଜ ଓ ସ୍ୱଳ୍ପବ୍ୟୟରେ କରାଯାଇପାରୁଥିବାରୁ ଅନେକ ଚାଷୀ ଏହି ଚାଷକୁ ଆପଣେଇ ବା ଆରମ୍ଭ କଲେଣି ।

ଭାରତବର୍ଷରେ ଏହି ଔଷଧିୟ ବୃକ୍ଷଟି ବହୁଳ ଭାବରେ ଦେଖାଯାଉଥିବା ବେଳେ ଶ୍ରୀଲଙ୍କା, ଚୀନ୍, ଥାଇଲ୍ୟାଣ୍ଡ ତଥା ବଙ୍ଗଳା ଦେଶରେ ମଧ୍ୟ ଦେଖାଯାଇଥାଏ । ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ଆନ୍ଧ୍ର ଏବଂ ପ୍ରଭୃତି ରାଜ୍ୟମାନଙ୍କ କେରଳରେ ଏହା ବହୁଳ ପରିମାଣରେ ଦେଖାଯାଇଥାଏ ।

ଏହି ଗଛଟିକୁ ଓଡ଼ିଶାରେ ଭୁଇଁନିମ୍ବ କୁହାଯାଉଥିବା ବେଳେ ହିନ୍ଦୀରେ କାଳମେଘ, ସଂସ୍କୃତରେ ଭୁନିମ୍ବ, ଯବତିକ୍ତା, ମରାଠୀରେ ପାଲେ କିରାଇତ୍, ବଙ୍ଗଳାରେ କାଳମେଘ, ଗୁଜୁରାଟୀ ଭାଷାରେ କରିୟାତୁଳ ଲୀଲୁଁ, ତେଲୁଗୁରେ ନେଲବେମୁ ଏବଂ ଇଂରାଜୀ ଭାଷାରେ କିରୟାତ୍ ବୋଲି କୁହାଯାଇଥାଏ । ଏହାର ବାନସ୍ପତିକ ନାମ ଆନ୍‌ଡ୍ରୋଗ୍ରାଫିକସ୍ ପେନିକୁଲାଟ ନୀସ୍ ହୋଇଥିବାବେଳେ ଏହା ଆକାନ୍‌ଥେସୀ ପରିବାରର ଅନ୍ତର୍ଗତ ଅଟେ ।

**ଜଳବାୟୁ**

ଭୁଇଁନିମ୍ବ ନିଜର ବଢିବା ପାଇଁ ଉଭୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁ ସହିତ ଯଥେଷ୍ଟ ପରିମାଣର ସୂର୍ଯ୍ୟକିରଣ ଆବଶ୍ୟକ କରିଥାଏ । ଏହି ଗୁଳ୍ମ ଜାତୀୟ ଗଛକୁ ୯୫୦ ମିଲିଲିଟିରରୁ ୧୨୦୦ ମିଲିଲିଟର ବର୍ଷା ଏବଂ ୩୫ ରୁ ୪୮ ସେଣ୍ଟିଗ୍ରେଡର ତାପମାତ୍ରା ଉପଲବ୍ଧ ହେଉଥିବା ଅଞ୍ଚଳରେ ଦେଖାଯାଇଥାଏ । ତେଣୁ ଉକ୍ତ ଜଳବାୟୁ ଉପଲବ୍ଧ ହେଉଥିବା ଅଞ୍ଚଳରେ ଚାଷ କରାଗଲେ ଖୁବ୍ ଭଲ ଅମଳ ମିଳିଥାଏ । ଆମ ରାଜ୍ୟର ବଲାଙ୍ଗୀର, ସୁନ୍ଦରଗଡ଼, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାମାନଙ୍କରେ ଏହାର ବଢିବା ପାଇଁ ଉପଯୁକ୍ତ ଜଳବାୟୁ ଥିବାରୁ ସେଠାରେ ସଫଳ ଭାବେ ଏହାର ଚାଷ କରାଯାଇପାରେ ।

**ମାଟି**

ଭୁଇଁନିମ୍ବକୁ ସବୁ ପ୍ରକାର ମାଟିରେ ଚାଷ କରାଯାଇପାରେ ; କିନ୍ତୁ ଭଲ ଅମଳ ପାଇଁ ଏହାକୁ ଦୋରସା ତଥା କାର୍ପାସ୍ ମୃତ୍ତିକାରେ ଚାଷ କରିବା ଉଚିତ୍ । ଦେଖାଯାଇଛି ଯେଉଁ ଜମିମାନଙ୍କରେ କପା ଓ ଲଙ୍କା ଚାଷ ଖୁବ୍ ଭଲ ହେଉଥାଏ, ସେହି ଜମିରେ ଭୁଇଁନିମ୍ବ ଚାଷ କଲେ ଖୁବ୍ ଭଲ ଅମଳ ମିଳିଥାଏ । ତେବେ ଏଥିପାଇଁ ମାଟିର ଅମ୍ଳତା ୬-୮ ମଧ୍ୟରେ ରହିବା ଫସଲ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

**ଜମି ଓ ଚାରା ପ୍ରସ୍ତୁତି**

ଏକ ହେକ୍ଟର ଜମିରେ ଚାଷ କରିବାକୁ ହେଲେ ପୂର୍ବରୁ ଚାଷ କରାଯାଇଥିବା ଜମିକୁ ୩ ଥର ହଳ କରିବାକୁ ପଡିଥାଏ । ହଳ କରି ସାରିଲାପରେ ହେକ୍ଟର ପିଛା ୫-୬ ଟନ୍ ପର୍ଯ୍ୟନ୍ତ କମ୍ପୋଷ୍ଟ ବା ସଢା ଗୋବର ଖତ ମିଶାଇ ଜମିରେ ଥିବା ଟେଳାଗୁଡ଼ିକୁ ଭାଙ୍ଗି ସମାନ କରିଦିଆଯାଏ । ଏହାପରେ ୧୦ × ୨ ମିଟରରେ ୩ଟି ପଟାଳି ବା ଶିଆର କରି ତହିଁରେ ମଞ୍ଜି ବୁଣି ଦିଆଯାଏ । ଏହାପରେ ମଞ୍ଜିଗୁଡ଼ିକ ଶୀଘ୍ର ଗଜା ହେବା ପାଇଁ ପଟାଳି ଉପରେ ପତଳା କରି ନଡା କୁଟା ଘୋଡାଇ ଦିଆଯାଏ । ମଞ୍ଜିରୁ ଗଜା ହେବା ପର୍ଯ୍ୟନ୍ତ ଦିନେ ଛଡା ଦିନେ ପାଣି ଦେବା ଆବଶ୍ୟକ । ପ୍ରାୟ ୧୦ ରୁ ୧୫ ଦିନ ମଧ୍ୟରେ ମଞ୍ଜିରୁ ଛୋଟ ଛୋଟ ଗଛ ବାହାରି ଥାଏ । ଏହାପରେ ପୂର୍ବରୁ ପକାଯାଇଥିବା ନଡାକୁଟାଗୁଡ଼ିକୁ କାଢି ଆଣିବା ଉଚିତ୍ । ତାହା ନହେଲେ ଉନ୍ନତ ଚାରା ଉତ୍ପାଦନରେ ଏହା ବ୍ୟାଘାତ ସୃଷ୍ଟି କରିଥାଏ । ସେହିଭଳି ଭଲ ଚାରା ଉତ୍ପାଦନ ପାଇଁ ଆବଶ୍ୟକୀୟ କୀଟନାଶକ ପ୍ରୟୋଗ କରାଯିବା ଦରକାର ।

**ଚାରାରୋପଣ**

ଚାରାରୋପଣ ପାଇଁ ପ୍ରକୃଷ୍ଟ ସମୟ ହେଲା ଜୁଲାଇ ମାସ । ଖୁବ୍ ବେଶୀରେ ଅଗଷ୍ଟ ମାସ ସୁଦ୍ଧା ଚାରାରୋପଣ କାର୍ଯ୍ୟ ସାରିବା ଉଚିତ୍ । ତେବେ ରୋପଣ ପଦ୍ଧତି ଅନୁସାରେ ଗଛକୁ ଗଛ ୧୫ ସେଣ୍ଟିମିଟର ଏବଂ ଧାଡ଼ିକୁ ଧାଡ଼ି ପାଖାପାଖି ୨୦ ସେଣ୍ଟିମିଟର ଦୂରତା ରଖିବା ଉଚିତ୍ । ଫଳରେ ବଛାବଛି ସମୟରେ ଘାସ ଓ ଅନ୍ୟାନ୍ୟ ଅଦରକାରୀ ଗଛକୁ ଉପାଡିବା ସମ୍ଭବ ହୋଇଥାଏ ।

**ଜଳସେଚନ**

ଭୁଇଁନିମ୍ବକୁ ସାଧାରଣତଃ ଏକବର୍ଷୀୟ ଫସଲଭାବେ ଚାଷ କରାଯାଇଥାଏ । ଏହାର ଚାରା ବର୍ଷାଦିନେ ରୋପଣ କରାଯାଉଥିବାରୁ

ବିଶେଷ ଜଳସେଚନର ଆବଶ୍ୟକତା ପଡିନଥାଏ; କିନ୍ତୁ ଯଦି ବର୍ଷା ଠିକ୍ ତଥା ଉପଯୁକ୍ତ ପରିମାଣରେ ନହୁଏ, ତେବେ ପ୍ରତି ୧୫ ଦିନ ଅନ୍ତରାଳ ରଖି ଜଳସେଚନ କରିବାକୁ ପଡ଼ିଥାଏ ।

## ଘାସବଛା ଏବଂ ରୋଗପୋକ ନିୟନ୍ତ୍ରଣ

ବର୍ଷାଦିନରେ ଘାସଗୁଡ଼ିକ ଉଠିବା ସ୍ୱାଭାବିକ । ଗଛରା ଲଗାଇବାର ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି ଦେବା ଉଚିତ୍ । ତେବେ ରୋଗପୋକ ନିୟନ୍ତ୍ରଣରେ ଆଦୌ ଖର୍ଚ୍ଚାନ୍ତ ହେବାର ନାହିଁ । କାରଣ ସ୍ୱଭାବରେ କଟୁ ଓ ପିତା ହୋଇଥିବାରୁ ଭୁଇଁନିମ୍ବ ଗଛକୁ କୌଣସି ରୋଗପୋକ ଆକ୍ରମଣ କରନ୍ତି ନାହିଁ । ତାହାଛଡା ଭୂଇଁନିମ୍ବର ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥାଏ । ତେଣୁ ଗଛଗୁଡ଼ିକ ପ୍ରାୟତଃ କୀଟ, ପତଙ୍ଗମାନଙ୍କ ଦାଉରୁ ମୁକ୍ତ ରହିଥାନ୍ତି ଏବଂ ଗାଈ, ମଇଁଷି, ଛେଳି ଭଳି ଗୃହପାଳିତ ଜୀବଙ୍କଠାରୁ ମଧ୍ୟ ରକ୍ଷା ପାଇଥାନ୍ତି । ତେଣୁ ସେଥିପ୍ରତି ଚିନ୍ତା କରିବାର ନାହିଁ ।

## ଅମଳ

ଜୁଲାଇ/ଅଗଷ୍ଟ ମାସରେ ଗଛରା ଲଗାଯାଉଥିବାରୁ ଏହାର ଠିକ୍ ଅଢେଇ ମାସ ପରେ ଅର୍ଥାତ୍ ସେପ୍ଟେମ୍ବର/ଅକ୍ଟୋବର ମାସ ସୁଧା ଭୁଇଁନିମ୍ବ ଗଛରେ ଫୁଲ ଆସିଯାଇଥାଏ । ଏହାପରେ ଗଛରେ ଫଳ ଧରେ ଏବଂ ପାକଳ ହୋଇଥାଏ । ଚାଷୀ ଯଦି ପତ୍ର ସଂଗ୍ରହ କରିବାକୁ ଚାହୁଁଥାନ୍ତି ତେବେ ମୂଳରୁ ୩ ଇଞ୍ଚ୍ ରୁ ୫ ଇଞ୍ଚ୍ ପର୍ଯ୍ୟନ୍ତ ଛାଡି କାଟନ୍ତୁ; କିନ୍ତୁ ଲକ୍ଷ ରଖିବା ଦରକାର ଯେ ଶାଖା ଯେପରି ଗୋଟିଏ ଥରରେ କଟେ ଏବଂ ଗଛରେ କୌଣସି ଫାଟ ନରହେ । କାରଣ ଏହାଦ୍ୱାରା ଗଛ ମରିଯିବାର ସମ୍ଭବନା ଥାଏ ଏବଂ ପ୍ରଥମ ପତ୍ର ଅମଳର ଦେଢମାସ ପରେ ପରବର୍ତ୍ତୀ ପତ୍ର ଅମଳ କରନ୍ତୁ ।

ଏହାବାଦ୍ ଚାଷୀ ଯଦି ମଞ୍ଜି ସଂଗ୍ରହ କରିବାକୁ ଚାହୁଁଥାନ୍ତି ତେବେ ଜାନୁୟାରୀ କିମ୍ବା ଫେବୃୟାରୀ ମାସ ପର୍ଯ୍ୟନ୍ତ ଅପେକ୍ଷା କରିପାରନ୍ତି । ସେତେବେଳକୁ ଗଛରେ ପତ୍ର ପ୍ରାୟତଃ ନଥାଏ କହିଲେ ଚଳେ । କିନ୍ତୁ ମଞ୍ଜିଗୁଡ଼ିକ ପାକଳ ହୋଇଯାଇଥିବାରୁ ପତ୍ର ବିକ୍ରି ଭଳି ମଞ୍ଜି ବିକ୍ରିରୁ ମଧ୍ୟ ସମାନ ପରିମାଣର ଅର୍ଥ ମିଳିଥାଏ କିମ୍ବା ବେଳେବେଳେ ଅଧିକ ଅର୍ଥ ମଧ୍ୟ ମିଳିଥାଏ ।

## ଅନ୍ତଃ ଫସଲ

ପ୍ରମାଣ ସହିତ ଚାଷ କରି ଦେଖାଯାଇଛି ଯେ ଭୁଇଁନିମ୍ବ ସହିତ ଅନ୍ତଃ ଫସଲ କରାଯାଇପାରିବ କିମ୍ବା ଅନ୍ୟ ଔଷଧୀୟ ଚାଷ ସହିତ ଅଳ୍ପ ପରିମାଣର ଭୁଇଁନିମ୍ବ ଚାଷ ମଧ୍ୟ କରାଯାଇପାରିବ । ଶ୍ୱେତମୁଷଲୀ, ଅଁଳାରେ ଏହା ସଫଳତା ପୂର୍ବକ ଚାଷ କରାଯାଇପାରିଛି । କାରଣ ଶ୍ୱେତମୂଷଲୀ ଓ ଅଁଳାଗଛ ବିଶେଷ ବଡ଼ ହୋଇନଥାଏ ଏବଂ ଛାଇ ମଧ୍ୟ ବିଶେଷ ପଡିନଥାଏ ।

ଏହାବାଦ୍ ବୈଜ୍ଞାନିକମାନେ ଗବେଷଣା କରି ଜଣାଇଛନ୍ତି ଯେ, ଭୂଇଁନିମ୍ବକୁ ବିଲାତି ବାଇଗଣ (ଟମାଟୋ) ଓ ବାଇଗଣ ସହିତ ମିଶ୍ରିତ ଚାଷ କଲେ ଉଭୟ ଗଛରେ ରୋଗପୋକ ଲାଗିବାର ସମ୍ଭାବନା ଖୁବ୍ କମ୍ ଥାଏ । ତେଣୁ ଏହାର ମିଶ୍ରିତ ଚାଷ ବା ଅନ୍ତଃଫସଲ କରାଯାଇପାରେ । ଏହି ମିଶ୍ରିତ ଚାଷ ଦ୍ୱାରା ଭଲ ଫସଲ ମିଳିପାରିଥାଏ ଏବଂ ଫସଲ ପାଇଁ ଚାଷୀର କମ୍ ଖର୍ଚ୍ଚ ହେବା ସହିତ ଅଧିକ ଲାଭ ମିଳିଥାଏ ।

## ଭୁଇଁନିମ୍ବ ଚାଷ ପାଇଁ ମୁଖ୍ୟ ସମସ୍ୟା

ଭୁଇଁନିମ୍ବ ଚାଷ ପାଇଁ ପରିବହନ ଛଡା ଅନ୍ୟ କୌଣସି ସମସ୍ୟା ନଥାଏ । କାରଣ କ୍ଷେତରୁ ଭୁଇଁନିମ୍ବର ଅମଳ ସରିବା ପରେ ତାହାକୁ ପରିବହନ କରିବାକୁ ପଡିଥାଏ । ଭୁଇଁନିମ୍ବ ଶୁଖିଗଲା ପରେ ହାଲୁକା ହୋଇଯାଏ ସତ,କିନ୍ତୁ ପରିବହନରେ ସମସ୍ୟା ସୃଷ୍ଟି କରିଥାଏ । ଦେଖାଯାଇଛି ଯେ ଗୋଟିଏ ଟ୍ରକରେ ୪-୫ ଟନ୍‌ରୁ ଅଧିକ ମାଲ୍ ଧରିନଥାଏ । ତେଣୁ ପରିବହନରେ ଅଧିକ ଖର୍ଚ୍ଚ ହୋଇଥାଏ । ଯଦି ବଜାର, ଅମଳ ସ୍ଥାନ ବା କ୍ଷେତ ଠାରୁ ଅଧିକ ଦୂର ହୋଇଥାଏ, ତେବେ ଖର୍ଚ୍ଚର ମାତ୍ରା ଆହୁରି ଅଧିକ ବଢି ଯାଇଥାଏ । ଫଳରେ ଚାଷୀ ହଇରାଣରେ ପଡିଥାଏ । ତେଣୁ ଭୁଇଁନିମ୍ବ ଚାଷ କଲାବେଳେ ବଜାର ନିକଟବର୍ତ୍ତୀ ଚାଷ ଜମିକୁ ବାଛିବା ଉଚିତ୍ ହେବ । କାରଣ ଏହାଦ୍ୱାରା ଅଧିକ ପରିବହନ ଖର୍ଚ୍ଚ ପଡ଼ିନଥାଏ କିମ୍ବା ଚାଷୀ ହନ୍ତସନ୍ତ ହୋଇନଥାଏ ଏବଂ ଭଲ ଲାଭ ମଧ୍ୟ ପାଇଥାଏ ।

**ବ୍ୟୟ**

| | |
|---|---|
| କ୍ଷେତ ପ୍ରସ୍ତୁତି | : ୧୦୦୦.୦୦ |
| ଖତ | : ୧୫୦୦.୦୦ |
| ବୀଜରୋପଣ | : ୮୦୦.୦୦ |
| ନର୍ସରୀ ପ୍ରସ୍ତୁତି | : ୬୦୦.୦୦ |
| କ୍ଷେତରେ ବୀଜରୋପଣ | : ୩୦୦.୦୦ |
| ଜଳସେଚନ | : ୫୦୦.୦୦ |
| ବଛାବଛି | : ୩୦୦.୦୦ |
| ଅମଳ | : ୮୦୦.୦୦ |
| ଅନ୍ୟାନ୍ୟ | : ୧୫୦୦.୦୦ |
| **ମୋଟ ବ୍ୟୟ** | **: ୭୩୦୦.୦୦** |

## ଅମଳର ପରିମାଣ ଦର ଏବଂ ଲାଭ

ଏକ ହେକ୍ଟର ଭୁଇଁନିମ୍ବ ଚାଷରୁ ପତ୍ର ଓ ମଞ୍ଜି ମିଶି ମୋଟ ୧୦ କ୍ୱିଣ୍ଟାଲ କଞ୍ଚାମାଲ ଅମଳ ହୁଏ, ଯାହାର ବଜାରରେ କ୍ୱିଣ୍ଟାଲ ପିଛା ମୂଲ୍ୟ ୧୩୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ଉକ୍ତ ଅମଳରୁ ଚାଷୀ ପ୍ରାୟ ୧୩୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିଥାଏ ।

ଲାଭ= ଟ.୧୩୦୦୦-ଟ.୭୩୦୦= ଟ.୫୭୦୦

## ଶେଷକଥା

ଭୂଇଁନିମ୍ବ ଏକ ଚାଷ ଉପଯୋଗୀ ଔଷଧୀୟ ବୃକ୍ଷ । ଏହାକୁ ଚାଷ କରିବା ଦ୍ୱାରା ଚାଷୀର ଲାଭ ହେବା ସଙ୍ଗେ ସଙ୍ଗେ ମଧ୍ୟ ଆମେ ଔଷଧ ପାଇଥାଉ । ତେଣୁ ଏହାର ସଫଳ ଚାଷ କରି ଚାଷୀମାନେ ନିଜର ଉନ୍ନତି କରିବା ସହ ସମାଜର ମଧ୍ୟ ଉନ୍ନତି କରନ୍ତୁ ।

✦

# ସମବାୟ ପ୍ରତିନିଧିମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ ଶିବିର

ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରିବଟା କରିବା ପାଇଁ ଗ୍ରାମସ୍ତରରେ ଗଠନ କରାଯାଇଥିବା ସମବାୟ ସଂଘଗୁଡ଼ିକୁ ସଫଳତାର ସହ ଆଗେଇ ଯିବା ଆବଶ୍ୟକ । କିନ୍ତୁ ଏହି ଆଗେଇଯିବା ପାଇଁ ଦରକାର ଦକ୍ଷତା । ତେଣୁ ସମବାୟ ସଂଘଗୁଡ଼ିକରେ କାର୍ଯ୍ୟକରୁଥିବା ସଭ୍ୟମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ କୋରାପୁଟ ଜିଲ୍ଲାର ସମବାୟ ପରିଚାଳନା କେନ୍ଦ୍ରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍.ସି.ଡି.ସି ସେଣ୍ଟର ଫର୍ ଫରେଷ୍ଟ୍ରି ଆଣ୍ଡ ଗଭର୍ଣ୍ଣାନ୍ସ ତରଫରୁ ଏକ ଦୁଇ ଦିନିଆ ତାଲିମ ଶିବିର ଆୟୋଜନ କରାଯାଇଥିଲା । ଏହି ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିବା ୬ ଗୋଟି ସମବାୟ ସଂସ୍ଥାର ସଭ୍ୟସଭ୍ୟାମାନେ ଆୟୋଜିତ ତାଲିମ ଶିବିରରେ ମିଳିତ ଭାବେ ଯୋଗ ଦେଇଥିଲେ । ଏହାଛଡା ସମବାୟ ତାଲିମ ପରିଚାଳନା କେନ୍ଦ୍ରର କର୍ମକର୍ତ୍ତା ତଥା ଅବସରପ୍ରାପ୍ତ ଏ.ଆର.ସି.ଏସ୍ ଶ୍ରୀଯୁକ୍ତ ପ୍ରମୋଦ ଚନ୍ଦ୍ର ମିଶ୍ର ତାଲିମ କେନ୍ଦ୍ରର ଅଧକ୍ଷା ମେନକା ନାୟକ, ସମବାୟ ସହାୟକ, ପ୍ରକଳ୍ପ ସହାୟକ ଅଂଶ ଗ୍ରହଣ କରିଥିଲେ ।



ପ୍ରଥମ ଦିବସର ଆରମ୍ଭରେ ତାଲିମ ଶିବିରର ଅଧକ୍ଷା ମେନକା ନାୟକ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ସୋମନାଥ ଦାଶ ସମବାୟ ଗଠନରେ ଆର.ସି.ଡି.ସି.ର ଭୂମିକା, ସମବାୟର ଗଠନ, ତାହାର କାର୍ଯ୍ୟ ପ୍ରଣାଳୀ ଓ ସହଯୋଗ ଆଦି ବିଷୟକୁ ବିଶଦଭାବେ ଉପସ୍ଥାପନା କରିଥିଲେ । ସେ କହିଥିଲେ ଯେ ଆର.ସି.ଡି.ସି. ସମବାୟ ସଂଘ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି । ଏଥିସହିତ ସଭ୍ୟସଭ୍ୟାମାନଙ୍କୁ ଉଚିତ୍ ମାର୍ଗରେ ନେବା ସହ ଉଚିତ୍ ସହଯୋଗ କରିଆସୁଛି । ଏହାଛଡା ସଭ୍ୟମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଉପଯୁକ୍ତ ତାଲିମ ମଧ୍ୟ ପ୍ରଦାନ କରୁଛି ।

ଏହାପରେ ମେନକା ନାୟକ ସ୍ୱୟଂ ସହାୟକ ଦଳ ଗଠନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ସେ ବିଶେଷକରି କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ସେ କହିଥିଲେ କେବଳ ଦଳ ଗଠନ କରିଦେଲେ କିମ୍ବା କିଛିଟା କାମ କରିଦେଲେ ସବୁକିଛି ହୋଇଗଲା ବୋଲି ଭାବିବା ଉଚିତ ନୁହେଁ । ଦଳ ଗଠନ ସହିତ ଦଳର ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ନହେଲେ ଦଳ ଆଦୌ ଆଗେଇ ପାରିବନାହିଁ । ବାଣିଜ୍ୟିକ ଅଭିବୃଦ୍ଧି ପାଇଁ ବିଭିନ୍ନ ବ୍ୟାଙ୍କ ତଥା ସମବାୟରୁ ଋଣ ଆଣିବା ଦିଗରେ ସେ ପ୍ରେରଣା ଦେଇଥିଲେ । ସେ କହିଥିଲେ ଯେ ବ୍ୟାଙ୍କରୁ ଋଣ ଆଣି ତାହାର ଉପଯୁକ୍ତ ବ୍ୟବହାର କରିବାକୁ ପଡିବ । ଏହା ସହିତ ସେ ସମବାୟ ଦଳର ଅଗ୍ରଗତିରେ ସଂଘର ଆବଶ୍ୟକତା ଓ ସ୍ୱୟଂ ସହାୟକ ଦଳର ଗଠନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ବିଶଦ ଶିବିର ଆଲୋଚନା କରିଥିଲେ ।

କୋରାପୁଟ ଶାଖା ଧାନ୍ ଫାଉଣ୍ଡେସନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ କୁମାରୀ ରାମେଶ୍ୱରୀ ପଟ୍ଟନାୟକ ଧାନ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଦଳମାନଙ୍କର କାର୍ଯ୍ୟାବଳୀ ବିଷୟରେ ଉପସ୍ଥାପନ କରିଥିଲେ । ସେ କେତେକ ବିଷୟ ପ୍ରତି ଗୁରୁତ୍ୱ ଦେବା ସହ ଧାନ୍ ଫାଉଣ୍ଡେସନ୍‌ର ସ୍ୱୟଂ ସହାୟକ ଦଳର ଗଠନ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ । ଏହା ସହିତ ଦଳର ମୂଳ ଲକ୍ଷ୍ୟ, ନୀତିନିୟମ ଏବଂ ଦଳକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଦଳର ଖାତାପତ୍ରର ନିୟମିତତା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । କାରଣ ଖାତାପତ୍ରର ଠିକ୍ ଭାବରେ ପରିଚାଳନା ହେଉନଥିଲେ ଦଳର ମଧ୍ୟ ଠିକ୍ ପରିଚାଳନା ହୋଇ ପାରିନଥାଏ ଏବଂ ଦଳରେ ବିଶୃଙ୍ଖଳା ଦେଖାଯାଇଥାଏ ଓ କେତେକ କ୍ଷେତ୍ରରେ ଦଳ ଭାଙ୍ଗିଯିବାର ମଧ୍ୟ ସମ୍ଭାବନା ରହିଥାଏ ।

ଦଳରେ ନିୟମିତ ସଞ୍ଚୟ ବ୍ୟବସ୍ଥାକୁ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା । କାରଣ ଏହି ନିୟମିତ ସଞ୍ଚୟ ଦ୍ୱାରା ଜଣେ ସଭ୍ୟ କିମ୍ବା ସଭ୍ୟା ବ୍ୟକ୍ତିଗତଭାବେ ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି କରିପାରିବା ସହିତ ଦଳର ଆର୍ଥିକ ଅବସ୍ଥାରେ ଉନ୍ନତି କରିପାରିବେ । ଏହାସହ ଦଳରେ ନିୟମିତ ସଞ୍ଚୟ କରୁଥିବା ଅର୍ଥକୁ ସଭ୍ୟସଭ୍ୟାମାନେ ନିଜ ନିଜ ଭିତରେ ଆଦାନ ପ୍ରଦାନ କରିବାକୁ ଶିବିରରେ ମତ ପ୍ରକାଶ ପାଇଥିଲା ।



ହେବ । ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରି ବାଦ୍ ଏହା ଏକ ଉନ୍ନତ ଆୟ ସୃଷ୍ଟିକାରୀ ମାଧ୍ୟମ ହୋଇପାରିବ ବୋଲି ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା ଏବଂ ନିଜ ଅଞ୍ଚଳରେ ଥିବା ସମବାୟ ଦଳଗୁଡ଼ିକରେ କୁଟୀର ଶିଳ୍ପ ଆରମ୍ଭ କରିବାକୁ ଅଧିକ ଆୟ ସୃଷ୍ଟିକାରୀ ମାଧ୍ୟମ ବିଷୟରେ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା । ବନଜାତ ଦ୍ରବ୍ୟ ସଂଗ୍ରହ ପରେ ଯେଉଁ କିଛି ବଳକା ସମୟ ମିଳୁଛି ସେହି ସମୟକୁ କୁଟୀର ଶିଳ୍ପରେ ଦେବା ପାଇଁ ସମବାୟ ସଭ୍ୟସଭ୍ୟାମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି କୁଟୀର ଶିଳ୍ପରେ ଫଳ ଶସ୍, ହରିଡା କ୍ୱାସ, ଅଁଳା କ୍ୱାସ, ଅଁଳା ଆଗ୍ରର, ଧୂପକାଠି, ପାମ୍ପଡ ପ୍ରଭୃତି ପ୍ରସ୍ତୁତ କରି ଦଳ ମାଧ୍ୟମରେ ନିଜ ଅଞ୍ଚଳର ବଜାରରେ ବିକ୍ରି କରିବାକୁ ଅଂଶଗ୍ରହଣକାରୀଙ୍କୁ କୁହାଯାଇଥିଲା । ଏହି କୁଟୀର ଶିଳ୍ପ ମାଧ୍ୟମରେ ଜଣେ ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି କରିପାରିବ । ଏହା ଯେତେ ଅଗ୍ରସର ହେବ ଦଳର ସେତେ ଉନ୍ନତି ସଭ୍ୟସଭ୍ୟାମାନଙ୍କୁ କୁହାଯାଇଥିଲା । ଏଥିଲାଗି ଯଦି ଅର୍ଥର ଆବଶ୍ୟକତା ପଡେ ତେବେ ନିକଟସ୍ଥ ବ୍ୟାଙ୍କରୁ ଅର୍ଥ ଉଠାଇବା ସହ ଅର୍ଥର ଉପଯୁକ୍ତ ବିନିଯୋଗ କରିବାକୁ ମଧ୍ୟ କୁହାଯାଇଥିଲା ।

ଏହାପରେ ଅନୁଷ୍ଠାନର ଗୁଣପୁର ସଦସ୍ୟ କିଶୋର ମାର୍ଥା ସରକାରଙ୍କର ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମକୁ ସମବାୟ ଦଳର ସଭ୍ୟସଭ୍ୟାମାନଙ୍କ ପାଖରେ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ ଏବଂ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇବାକୁ କହିଥିଲେ । ଏହା ସହିତ ଜନ ସଚେତନତାରେ ସମବାୟ ସଭ୍ୟମାନଙ୍କର କେତେକ ଭୂମିକାକୁ ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ପ୍ରତ୍ୟେକ କାର୍ଯ୍ୟ ପାଇଁ ସର୍ବପ୍ରଥମେ ସଚେତନତା ଦରକାର । କାରଣ ଜଣେ ସଚେତନ ହୋଇପାରିଲେ ପ୍ରତ୍ୟେକ କାର୍ଯ୍ୟ ସୂଚାରୁ ଭାବେ କରିପାରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇପାରିଥାଏ । ସେହିଭଳି ସମବାୟରେ ସଚେତନତା ତଥା ସମବାୟ ପରିଚ୍ଳନା ଜ୍ଞାନ ରହିବା ନିହାତି ଆବଶ୍ୟକ । କାରଣ ଉଭୟ ସଚେତନତା ତଥା ପରିଚ୍ଳନା ଜ୍ଞାନ ରହିବା ଦ୍ୱାରା ସମବାୟ ଆଗେଇ ପାରିଥାଏ । ତାହାଛଡା ଯଦି ସମବାୟର ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ଏକତା ଥାଏ ତେବେ ସମବାୟ ପରିଚ୍ଳନାରେ କୌଣସି ଅସୁବିଧା ରହିନଥାଏ ଏବଂ ଯେତେ ବଡ଼ କାର୍ଯ୍ୟ ହେଲେ ମଧ୍ୟ ତାହା ଖୁବ୍ ସହଜରେ ହୋଇପାରିଥାଏ ।

ଏହାପରେ ଅନୁଷ୍ଠାନର ସଦସ୍ୟ ସୁକାନ୍ତ ଜେନା ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ସମବାୟର ଗଠନ ପରିଚ୍ଳନା ତଥା କାର୍ଯ୍ୟ ଦକ୍ଷତା ବୃଦ୍ଧି ସମ୍ପର୍କରେ ଦିଆଯାଇଥିବା ବିଭିନ୍ନ ଉଦାହରଣକୁ ପୁଣିଥରେ ମନେ ପକାଇ ତାଲିମ ଶିବିରକୁ ଶେଷ କରିଥିଲେ ।

✦

## ଜାଣନ୍ତି କି ?

ସଂପ୍ରତି ସମଗ୍ର ବିଶ୍ୱରେ ପେଟ୍ରୋଲ ଓ ଡ଼ିଜେଲର ଚହିଦା ବୃଦ୍ଧି ଯୋଗୁଁ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକରେ ଏହାର ମାତ୍ରା ହ୍ରାସ ପାଇବା ସହିତ ବଜାରରେ ଏହାର ଦରବୃଦ୍ଧି ଘଟିଲାଣି । ଦିନକୁ ଦିନ ବୃଦ୍ଧି ପାଉଥିବା ଏହି ଚାହିଦାକୁ ମେଣ୍ଟାଇବା ପାଇଁ ବିଶ୍ୱବ୍ୟାପି ପରୀକ୍ଷା ନୀରିକ୍ଷା ସହିତ ବିକଳ୍ପ ଅନୁସନ୍ଧାନ ପାଇଁ ଗବେଷଣା କରାଯାଉଛି । ଯାଟ୍ରୋଫା ବା ବାଇଗବା ଗଛର ମଞ୍ଜିରୁ ପ୍ରସ୍ତୁତ ତେଲ ହେଉଛି ପେଟ୍ରୋଲ ଓ ଡ଼ିଜେଲର ଏକ ବିକଳ୍ପ ଅନୁସନ୍ଧାନ । ଏହାର ସତ୍ୟତା ପ୍ରତିଫଳିତ ହୋଇଛି ; ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ୨୦୦୭ ମସିହାରେ ଭୁବନେଶ୍ୱରଠାରେ ବାଇଗବା ମଞ୍ଜିରୁ ପ୍ରସ୍ତୁତ ତେଲ ଦ୍ୱାରା ଏକ କ୍ୱାଲିସ ଗାଡ଼ି ଚ୍ଳିପାରିଛି । ଏହି ତେଲରେ ସଲଫର ନଥିବା ଯୋଗୁଁ ଚାଳିତ ଯାନବାହାନରୁ ଧୂଆଁ ବାହାରି ନଥାଏ ସୁତରାଂ ବାୟୁମଣ୍ଡଳ ଓ ପରିବେଶର ପ୍ରଦୂଷଣ ହେବା ଆଶଙ୍କା ନଥାଏ । ଏଥିରେ ଆଉ ଗୋଟିଏ ସଫଳ ଦିଗ ହେଲା ଏହି ତେଲଦ୍ୱାରା ଚାଳିତ ଗାଡ଼ିପାଇଁ କୌଣସି ସ୍ୱତନ୍ତ୍ର ଧରଣର ଇଞ୍ଜିନ୍‌ର ଆବଶ୍ୟକତା ନଥାଏ । ସହଜରେ ମିଳୁଥିବା ଏହି ତେଲ ଲିଟର ପ୍ରତି ୨୬ ଟଙ୍କାରେ ଏବେ ବଜାରରେ ମିଳୁଛି ।

ଆମ ରାଜ୍ୟର ଜଳବାୟୁ ଓ ମୃତ୍ତିକା ଯାଟ୍ରୋଫା ଚ୍ଷ ପାଇଁ ବେଶ୍ ଉପଯୋଗୀ ହୋଇଥିବା ଯୋଗୁଁ ଅନେକ ସ୍ଥାନରେ ଚ୍ଷୀମାନେ ଭଲ ଅମଳ କରିପାରୁଛନ୍ତି । ୪୦ ରୁ ୪୫ ବର୍ଷ ବା ତାଠାରୁ ଅଧିକ ସମୟ ବଞ୍ଚୁଥିବା ଏହି ଯାଟ୍ରୋଫା ମଞ୍ଜିରୁ ୩୫ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ତେଲ ସଂଗ୍ରହ ହୋଇପାରେ ଚ୍ରି କିଲୋଗ୍ରାମ ଯାଟ୍ରୋଫା ମଞ୍ଜିରୁ ଏକ ଲିଟର ବାୟୋ ଡିଜେଲ ମିଳି ପାରୁଛି ବୋଲି ଗବେଷକମାନେ ମତ ଦେଇଛନ୍ତି । ସୁତରାଂ ପେଟ୍ରୋଲ ଓ ଡ଼ିଜେଲର ଅଭାବ ଓ ଆକାଶଛୁଆଁ ଦରର ବିକଳ୍ପ ରୂପେ ବାୟୋଡ଼ିଜେଲ ପ୍ରସ୍ତୁତ ପାଇଁ ଆଗେ ଅଣ୍ଟା ଭିଡ଼ିବା ଆବଶ୍ୟକ ଏଥିରେ ଚ୍ଷୀମାନେ ଆର୍ଥିକ ଲାଭବାନ ହେବା ସହିତ ତୈଳ ସଙ୍କଟ ଓ ପରିବେଶ ପ୍ରଦୂଷଣକୁ ରୋକିପାରିବେ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି ।

✦

# ବନଜାତ ଦ୍ରବ୍ୟର ବ୍ୟବସାୟିକ ନୀତି ସ୍ପଷ୍ଟ ପାଇଁ ଦାବି

କଟକ (ପିପିଏସ୍): ପ୍ରତିବର୍ଷ ଖରାଦିନେ ରାଜ୍ୟର ଜଙ୍ଗଲଗୁଡ଼ିକରୁ ସଂଗ୍ରହ କରାଯାଏ କେନ୍ଦୁପତ୍ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହା 'ସବୁଜ ସୁନା' ଭାବେ ପରିଚିତ । ଯେଉଁ ସମୟରେ ଆଦିବାସୀ ଜନସାଧାରଣଙ୍କ ହାତରେ କୌଣସି ପ୍ରକାର କାମଧନ୍ଦା ନଥାଏ, ସେହି ସମୟରେ ଜନସାଧାରଣଙ୍କୁ ଏହି କେନ୍ଦୁପତ୍ର କାମଧନ୍ଦା ଯୋଗାଇ ଦେଇଥାଏ । ଆଦିବାସୀ ପରିବାରର ସମସ୍ତ ଜନସାଧାରଣ ଏହି କାର୍ଯ୍ୟରେ ସାମିଲ ହୋଇଥାନ୍ତି । କିନ୍ତୁ ଦେଖାଯାଉଛି ଏହି କେନ୍ଦୁପତ୍ର ସଂଗ୍ରହରୁ ରାଜ୍ୟ ସରକାର ଯେଉଁ ପରିମାଣର ରାଜସ୍ୱ ପାଇବା କଥା ତାହା ପାଇପାରୁ ନାହାଁନ୍ତି । ନିର୍ଦ୍ଧାରିତ ସମୟରେ ଉପଯୁକ୍ତ ବଜାର ଖୋଜି ପାଇବାରେ ସରକାର ବିଫଳ ହୋଇଥିବାରୁ କେନ୍ଦୁପତ୍ରର ବ୍ୟବସାୟରୁ ଆୟ ବୃଦ୍ଧି ପାଉନାହିଁ । ଚିରାଚରିତ ଭାବେ କେନ୍ଦୁପତ୍ର ବିକ୍ରି ପାଇଁ ଟେଣ୍ଡର ଡକାଯାଉଛି । ବାହାର ରାଜ୍ୟର ବ୍ୟବସାୟୀମାନେ ସଂଘବଦ୍ଧ ଭାବେ କମ୍ ମୂଲ୍ୟରେ ଟେଣ୍ଡର ଦାଖଲ କରୁଛନ୍ତି । ତେଣେ ରାଜ୍ୟରେ କେନ୍ଦୁପତ୍ରର ମୂଲ୍ୟ କମ୍ ରହୁଥିବାରୁ ଚୋରାରେ ରାଜ୍ୟ ବାହାରକୁ ବିପୁଳ ପରିମାଣର କେନ୍ଦୁପତ୍ର ଚାଲାଣ ହେଉଛି । ଏକ ହିସାବରୁ ଜଣାଯାଇଛି ଯେ ୧୯୯୭-୯୮ ମସିହାରେ ରାଜ୍ୟ କେନ୍ଦୁପତ୍ର ବ୍ୟବସାୟରୁ ୪୦ ରୁ ୫୦ କୋଟି ଟଙ୍କା ରାଜସ୍ୱ ଆୟ କରିଥିବା ବେଳେ ବର୍ତ୍ତମାନ ଏହି ପରିମାଣ ୭୦ ରୁ ୭୫ କୋଟି ଟଙ୍କା ମଧ୍ୟରେ ଆସି ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ ଇତିମଧ୍ୟରେ କେନ୍ଦୁପତ୍ରର ବଜାର ଦର ଯଥେଷ୍ଟ ବୃଦ୍ଧି ପାଇଛି । ତେଣୁ ସରକାର ଉପଯୁକ୍ତ ବ୍ୟବସାୟିକ ମନୋଭାବ ପୋଷଣ କଲେ କେନ୍ଦୁପତ୍ର କାରବାରରୁ ବର୍ଷକୁ ଅନ୍ୟୁନ ୧୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇପାରିବ ।

ଶାଳମଞ୍ଜି ସଂଗ୍ରହ ବାବଦରେ ମଧ୍ୟ ସରକାରଙ୍କର ନୀତି ଅସ୍ପଷ୍ଟ । କେତେବେଳେ ଶାଳମଞ୍ଜି ସଂଗ୍ରହ ଦାୟିତ୍ୱ ଘରୋଇ ବ୍ୟବସାୟିକଙ୍କ ଉପରେ ନ୍ୟସ୍ତ କରାଯାଉଛି ତ, କେତେବେଳେ ସରକାର ଏହି ଦାୟିତ୍ୱ ନିଜ ହାତକୁ ନେଉଛନ୍ତି । ଘରୋଇ ବ୍ୟବସାୟିଙ୍କ ହାତକୁ ଶାଳମଞ୍ଜି ସଂଗ୍ରହ ଦାୟିତ୍ୱ ଯିବାପରେ ଆଦିବାସୀ ଜନସାଧାରଣ ଶୋଷିତ ହେଉଥିବା ଦେଖାଯାଉଛି । ଫଳରେ ସରକାର ନିଜ ହାତକୁ ସଂଗ୍ରହ ଦାୟିତ୍ୱ ନେଉଥିବା ଦେଖାଯାଉଛି ।

**ପ୍ରଜାତନ୍ତ୍ର : ୨୨।୦୨।୨୦୦୭**

## କୌଶଳର ଅଭାବରୁ ଅନେକ ଔଷଧୀୟ ବୃକ୍ଷଲତା ଲୋପ ପାଉଛି

ଭୁବନେଶ୍ୱର, ୩।୧। (ହି.ସ.): ଓଡ଼ିଶାର ବଣଜଙ୍ଗଲରୁ ପର୍ଯ୍ୟାପ୍ତ ପରିମାଣର ଔଷଧୀୟଗୁଳ୍ମ, ଲତା, ଛାଲି, ଫଳ, ଫୁଲ, ଚେରମୂଳୀ ସଂଗୃହୀତ ହୋଇଥାଏ । ଏହାକୁ ସଂଗ୍ରହ କରିବା ଦିଗରେ ବାର୍ଷିକ ୪୦ ନିୟୁତ ଶ୍ରମଦିବସ ସୃଷ୍ଟି ହୋଇଥାଏ । ଏହା କମ୍ ବଡ଼ କଥା ନୁହେଁ । କାରଣ ଯେଉଁମାନେ ଏହି କାର୍ଯ୍ୟ କରିଥାନ୍ତି ସେମାନେ ସାଧାରଣତଃ ବନବାସୀ ଏବଂ ଏମାନେ ବନ୍ୟ ସମ୍ପଦ ଉପରେ ନିର୍ଭର କରି ଚଳିଥାନ୍ତି ।

କିନ୍ତୁ ଏମାନେ ଯେତେବେଳେ ଏହିସବୁ ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିଥାନ୍ତି, ସେମାନେ ଏହାର ଭବିଷ୍ୟତ ସୁରକ୍ଷା ଦିଗରେ ସେଭଳି ଧ୍ୟାନ ଦେଉନାହାନ୍ତି । କାରଣ ଏହାର ସଂଗ୍ରହରେ ଆଧୁନିକ କୌଶଳ ପ୍ରୟୋଗ କରାଯାଉନାହିଁ କି ଏହା ସଂଗ୍ରହ ଦ୍ୱାରା ଏହା ସମୂଳେ ନଷ୍ଟ ହୋଇଯିବ ସେଥିପ୍ରତି ସେମାନଙ୍କୁ ସଚେତନ କରାଯାଉନାହିଁ କି ସେମାନେ ମଧ୍ୟ ଏହା ପ୍ରକୃତିଦତ୍ତ ଜଙ୍ଗଲ ସମ୍ପଦ ହୋଇଥିବାରୁ ତାହାର ସୁରକ୍ଷା ପ୍ରତି ସେମାନେ ସେତେଟା ଯତ୍ନବାନ ହେଉନାହାନ୍ତି ।

ଏଭଳି ଅନ୍ଧାଧୁନିଆ ଔଷଧୀୟ ସାମଗ୍ରୀ ବଣଜଙ୍ଗଲରୁ ସଂଗ୍ରହ କରାଯିବା ଦ୍ୱାରା ଶତାଧିକ ଔଷଧୀୟ ଲତା, ଗୁଳ୍ମ ଓ ଛୋଟ ଛୋଟ ଗଛ କ୍ରମେ ଲୋପ ପାଇଗଲାଣି । ଜନସଂଖ୍ୟା ବଢ଼ୁଛି । ଔଷଧର ଚାହିଦା ବଢ଼ୁଛି । ତେଣୁ ଏହି ଔଷଧୀୟ ଗୁଳ୍ମ, ଲତା, ଛାଲି, ପତ୍ର ଉପରେ ଅଧିକ ଚାପ ପଡ଼ୁଛି । ଅନେକ ସମୟରେ ଏହାକୁ ସଂଗ୍ରହକାରୀଙ୍କ ଠାରୁ ଖରିଦ କରୁଥିବା ଔଷଧ ନିର୍ମାତାମାନେ ଅଧିକରୁ ଅଧିକ ପାଇବା ଲାଗି ସଂଗ୍ରହକାରୀଙ୍କୁ ପ୍ରଲୋଭିତ କରୁଛନ୍ତି । ତେଣୁ ସେମାନେ ଏହାର ଭବିଷ୍ୟତ ସୁରକ୍ଷା ପ୍ରତି ସେତେଟା ଧ୍ୟାନ ଦେଉନାହାନ୍ତି । ଫଳରେ ଅନେକ ଲତାଗୁଳ୍ମ, କ୍ରମେ ଲୋପ ପାଇଯିବା ସାଙ୍ଗକୁ ଅନେକ କ୍ରମେ ଦୁଷ୍ପ୍ରାପ୍ୟ ମଧ୍ୟ ହୋଇପଡ଼ୁଛି ।

ଯେଉଁ ଲତା ଗୁଳ୍ମ ଓ ଅନ୍ୟ ଔଷଧୀୟ ଗଛ ଲୋକଙ୍କ ଜୀବନ ରକ୍ଷା କରିବାରେ ସାହାଯ୍ୟ କରୁଛି ତାହାକୁ ହିଁ ମଣିଷ ଅର୍ଥ ଲୋଭରେ ହେଉ ବା ସଂଗ୍ରହରେ ଉପଯୁକ୍ତ କୌଶଳ ପ୍ରୟୋଗର ଅଭାବ ହେଉ ତାକୁ ମଣିଷ ହିଁ ନଷ୍ଟ କରିଦେଉଛି । ବିଦେଶରେ ଭାରତୀୟ ଜଡ଼ିବୁଟିରେ ବହୁ ଚାହିଦା ରହିଛି । ଏହାକୁ ବଣଜଙ୍ଗଲରୁ ସଂଗ୍ରହ କରାଯିବା ପରେ ବେପାରୀମାନେ ରପ୍ତାନିକାରୀ ସଂସ୍ଥାକୁ ବିକ୍ରି କରିଥାନ୍ତି । ସଂଗ୍ରହକାରୀ ଯେତିକି ପରିଶ୍ରମ

କରି ଏଥିରୁ ଲାଭବାନ ନହୁଏ ତା'ଠାରୁ ଢେର୍ ଅଧିକ ଗୁଣରେ ବେପାରୀ ଓ ରପ୍ତାନିକାରୀମାନେ ଲାଭବାନ ହୋଇଥାଆନ୍ତି । ବିଶେଷକରି ବେପାରୀମାନେ କମ୍ ସମୟରେ ଅଧିକ ଲାଭବାନ ହେବା ଆଶାରେ ଔଷଧୀୟ ବୃକ୍ଷଲତାକୁ ଯେଭଳି ଧ୍ବଂସ କରିଚାଲିଛନ୍ତି ତାହା ଉପରେ କଟକଣା ଲଗାଇବା ପାଇଁ କେତେକ ପ୍ରକାର ଔଷଧୀୟ ଜଡିବୁଟିକୁ ଉତ୍ପାଦନ କରିବା ଉପରେ କଟକଣା ଜାରି କରିଛନ୍ତି ।

ଓଡ଼ିଶାରେ କ୍ରମେ ଯେଉଁ ଲତା, ଗୁଳ୍ମ କ୍ରମେ ଦୁଷ୍ପ୍ରାପ୍ୟ ଓ ଲୋପ ପାଇବାକୁ ବସିଛି ତା' ମଧ୍ୟରେ ଗୁଡମାରୀ, ପାଲୁଅକନ୍ଦୁରା, ରସନା, ହଂସଲତା, ପାନଅଇଲି, ବଣଅଳା, ଲଙ୍ଗଲଙ୍ଗିଆ, ଖଣ୍ଡଫୁଲ, ପାଞ୍ଚଆଙ୍ଗୁଠିଆ, ନୀଳକଣ୍ଠର କେଦାର କେଉ, ଦୟଣା, ନିର୍ମଳା କତକ, ପାତାଳଗରୁଡ, ଓଲଗଣା, ଓଡଶମାରୀ, ବିଡଙ୍ଗ, ସାଲବିଡଙ୍ଗ, ବାଇଶିଡଙ୍ଗା, ତାଳମୂଳୀ, ସମରକନ୍ଦା, ଅନନ୍ତମୂଳ, ଦନ୍ତା, ପେଙ୍ଗୁ, ପିପଳୀ, ବଣହଳଦୀ ଆଦି ଅନ୍ତର୍ଭୁକ୍ତ । ପ୍ରାକୃତିକ ଉପାୟରେ ମିଳିପାରୁଥିବା ଏହିସବୁ ଔଷଧୀୟ ଦ୍ରବ୍ୟଗୁଣ ସାମଗ୍ରୀ ଏବେ ଅଭାବ ପଡୁଥିବାରୁ ଏହାକୁ ଚାଷ କରି ଭରଣା କରାଯାଉଛି ।

ଧୂପକାଠି ପ୍ରସ୍ତୁତି ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ଯାହାକି ଗୋଟିଏ ପ୍ରକାର ଗଛର ଛାଲିରୁ ମିଳେ ତାହା ଆଉ ଓଡ଼ିଶା ଜଙ୍ଗଲରୁ ମିଳୁନାହିଁ ।

**ସମୟ: ୦୫।୦୨।୨୦୦୭**

## ପ୍ରୋତ୍ସାହନ ଅଭାବରୁ ଲାଖଶିଳ୍ପର ଦୂରବସ୍ଥା

ନବରଙ୍ଗପୁର, ୧।୧ : ନବରଙ୍ଗପୁର ଜିଲ୍ଲାଟି ଏକ ଆଦିବାସୀ ଅଧ୍ୟୁଷିତ ଓ ପଛୁଆ ଜିଲ୍ଲା ଭାବେ ପରିଚିତ । କିନ୍ତୁ ପୁରୁଷ ପୁରୁଷ ଧରି ଏହି ଜିଲ୍ଲାରେ କାରୀଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଲାଖ ଶିଳ୍ପ ଦିନେ ଦେଶ ବିଦେଶରେ ବେଶ୍ ଖ୍ୟାତି ଅର୍ଜନ କରିଥିବାବେଳେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଏହି ଶିଳ୍ପ ଢୋକେ ପିଇ ଦଣ୍ଡେ ଜିଇ ଅବସ୍ଥାକୁ ଆସିଗଲାଣି । ଏହି ଶିଳ୍ପକୁ ବଞ୍ଚାଇ ରଖିବା ଲାଗି ଏବେ ବି ୪୦୦ ଶଙ୍ଖାରୀଙ୍କୁ ସଂଗ୍ରାମ କରିବାକୁ ପଡୁଛି ।

ଦେଶ ସ୍ୱାଧୀନତା ଲାଭର ବହୁବର୍ଷ ପୂର୍ବରୁ ବଣ ଜଙ୍ଗଲରୁ ମିଳୁଥିବା ଲାଖକୁ ଆଧାର କରି ସେଥିରୁ ଆକର୍ଷଣୀୟ ଶଙ୍ଖା, କଣ୍ଢେଇ, କାଠ ଉପରେ ନିର୍ମିତ ବିଭିନ୍ନ ଚିତ୍ରକଳା ଓ କାରୁକାର୍ଯ୍ୟ ମଣ୍ଡିତ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ପ୍ରସ୍ତୁତ କରାଯାଉଥିଲା । ତତ୍କାଳୀନ ରାଜ୍ୟ ଏହି ଶିଳ୍ପକୁ ପ୍ରୋତ୍ସାହନ ଦେଇଆସିଥିଲେ । ହାତ ତିଆରି ଏହିସବୁ ଆକର୍ଷଣୀୟ ଲାଖ ସାମଗ୍ରୀ ଦେଶର ବିଭିନ୍ନ ଅଞ୍ଚଳରେ ବେଶ୍ ଖ୍ୟାତି ଲାଭ କରିବା ସାଙ୍ଗକୁ ପ୍ରାକ୍ ସ୍ୱାଧୀନତା କାଳରୁ ବଣିକମାନେ ଏହାକୁ ବିଦେଶୀ ରାଷ୍ଟ୍ରକୁ ନେଇ ବିକ୍ରିବଟା ମଧ୍ୟ କରୁଥିଲେ । ବଣରୁ ଲାଖ ସଂଗ୍ରହ କରିବା, ତାହାକୁ ସାମଗ୍ରୀ ପାଇଁ ପ୍ରସ୍ତୁତ କରିବା ଏବଂ ପରିଶେଷରେ ସେଥିରୁ ବିଭିନ୍ନ ପ୍ରକାର ମନଲୋଭା ସାମଗ୍ରୀ ପ୍ରସ୍ତୁତ କରିବା ଯାଏ ଅନେକ ଗରିବ ଓ ଆଦିବାସୀ ପରିବାର ଏଥିରେ ପ୍ରତିପୋଷଣ ହେଉଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏମାନଙ୍କ ସାମଗ୍ରୀର ବିକ୍ରିବଟାରେ ଅନ୍ତରାୟ ସୃଷ୍ଟି ହେବାକୁ ଲାଗିଲା । ରାଜସ୍ଥାନ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏହି ଲାଖ ପ୍ରସ୍ତୁତ ସାମଗ୍ରୀ କ୍ଷେତ୍ରରେ ଅତ୍ୟାଧୁନିକ କୌଶଳ ପ୍ରୟୋଗ ଦ୍ୱାରା ଏଥିରୁ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବା ଓ ପରିମାଣ ବୃଦ୍ଧି ପାଇ ଅନ୍ୟ ରାଜ୍ୟକୁ ବ୍ୟାପିଯିବା ପରେ ଓଡ଼ିଶାର ଏହି ନବରଙ୍ଗପୁର ଭଳି ଏକ ଆଭ୍ୟନ୍ତରୀଣ ଜିଲ୍ଲାରେ କାହିଁ କେଉଁ କାଳରୁ ପ୍ରସ୍ତୁତ ହେଉଥିବା ଏହି ଲାଖ ତିଆରି ସାମଗ୍ରୀ ଏବେ ପଛରେ ପଡ଼ିଯାଇଛି ।

୧୯୪୭ ମସିହାରେ ଏହି ଲାଖ କାରିଗରଙ୍କୁ ନେଇ ଏକ ସମବାୟ ସମିତି ଗଠନ କରାଯାଇଥିଲା । ସମବାୟ ସମିତି କାରିଗରଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ପଦକ୍ଷେପ ନେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସ୍ଥାନର ଲାଖ ଉତ୍ପାଦିତ ସାମଗ୍ରୀ ସାରା ଦେଶକୁ ଛାଡିଯିବାବେଳେ ଏହି ବ୍ୟବସାୟରେ ଯେଉଁ ମାନ୍ଦା ଅବସ୍ଥା ସୃଷ୍ଟି ହେଲା ସେଥିପାଇଁ ମଧ୍ୟ ସରକାରୀ ପ୍ରୋତ୍ସାହନ ବନ୍ଦ ହେବାକୁ ଲାଗିଲା । ୧୯୮୦ ମସିହା ପରଠାରୁ ଏଥିପାଇଁ ସରକାର ଆଖି ବୁଜିଦେବା ଯୋଗୁଁ ଆଜି ଏହି ଶିଳ୍ପର ଦୂରାବସ୍ଥା ଦିନକୁ ଦିନ ବଢିବାରେ ଲାଗିଛି ।

ପୂର୍ବରୁ ଦେଶର ବିଭିନ୍ନ ସଂସ୍ଥା ଏହି ସମିତିଠାରୁ ସିଧାସଳଖ ଲାଖ ହସ୍ତକଳା ସାମଗ୍ରୀ କିଣୁଥିଲେ । ପରେ ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ନିଗମ ଜରିଆରେ ସମିତି ଏହି ହସ୍ତକଳାକୁ ବିକ୍ରିବଟା ଆରମ୍ଭ କଲେ କିନ୍ତୁ ହସ୍ତଶିଳ୍ପ ନିଗମ ଏହି କାର୍ଯ୍ୟ ଠିକ୍ ଭାବେ କରିନପାରିବାରୁ ଶିଳ୍ପୀଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରିରେ ସ୍ଥାଣୁତା ଆରମ୍ଭ ହୋଇଗଲା । ଫଳରେ ଏହି ଲାଖ ଶିଳ୍ପ ଆଜି ନାହିଁନଥିବା ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ଯାଉଛି । ଏହି ଲାଖ କାରିଗରମାନଙ୍କ ସଂଖ୍ୟା ଏବେ ୪୦୦ରେ ସୀମିତ ରହିଛି । ତେବେ ୨୦୦୨ରେ ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ ପାଢୀ ଏହି ଲାଖଶିଳ୍ପରୁ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ନିମନ୍ତେ ନବରଙ୍ଗପୁର ଅସ୍ଥିଭବନ ନିକଟରେ ଗୋଟିଏ ବିକ୍ରୟକେନ୍ଦ୍ର ସ୍ଥାପନ କରିଥିଲେ । ମୋଟାମୋଟି ଭାବେ କାହିଁ କେଉଁ କାଳରୁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଆସୁଥିବା ଏହି ଲାଖ ବ୍ୟବସାୟ ଆଜି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଲାଣି ।

**ସମୟ: ୦୨।୦୧।୨୦୦୭**

# ହେମକାକରୀ

ଆର୍ଯୁର୍ବେଦ ଶାସ୍ତ୍ରରେ ଅନେକ ଔଷଧୀୟ ବୃକ୍ଷଲତା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ସେଥି ମଧ୍ୟରୁ ହେମକାକରୀ ଅନ୍ୟତମ । ଏହା ବହୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଅଟେ । ଏହା ଏକ ଉର୍ଦ୍ଧ୍ୱଗାମୀ, ମୋଟା ଓ ବହୁ ବର୍ଷ ଧରି ବଞ୍ଚିପାରୁଥିବା ତୃଣ ଜାତୀୟ ପାଷାଣଭେଦୀ ଉଦ୍ଭିଦ ଅଟେ । ଏହାର ପତ୍ରଗୁଡ଼ିକ ବୃହତ୍ ଏବଂ ବିଭିନ୍ନ ପ୍ରକାରର ଅଟେ । ଏଥିରେ ଫୁଟୁଥିବା ଫୁଲଗୁଡ଼ିକ ପୀତ-ନାରଙ୍ଗୀ ବର୍ଣ୍ଣଯୁକ୍ତ ଅଟେ । ଏହା ହେମସାଗର ଓ ହିମସାଗର, ପର୍ଣ୍ଣବୀଜ ଭାବରେ ମଧ୍ୟ ବେଶ ଜଣାଶୁଣା ଅଟେ ।

**ଔଷଧୀୟ ଚିକିତ୍ସା**

- କୌଣସି କାରଣ ଯୋଗୁଁ ଶରୀରର କୌଣସି ଅଂଶ ବିଶେଷଭାବେ କଟି ଯାଇଥିଲେ ସେଥିରୁ ପ୍ରଚୁର ରକ୍ତସ୍ରାବ ହୋଇଥାଏ । ଏହି କ୍ଷେତ୍ରରେ ହେମକାକରୀ ପତ୍ରର ରସ କଟି ଯାଇଥିବା ସ୍ଥାନରେ ପକାଇ ରକ୍ତସ୍ରାବ ବନ୍ଦ କରିବ । ତାପରେ ହେମକାକରୀର ପତ୍ର ବଟା ୪୦ ଗ୍ରାମ୍, ହେମକାକରୀ ରସ ୧୬୦ ଗ୍ରାମ ଏବଂ ୪୦ ଗ୍ରାମ ରାଶି ତେଲକୁ ଏକତ୍ର କରି ଧିର ଜାଳରେ ପାକ କରିବ । ଶେଷରେ ଉକ୍ତ ପାତ୍ରରେ କେବଳ ତୈଳାଂଶ ରହିଲେ ତାହାକୁ ଛାଣି ରଖିବ । ଏହାକୁ ହେମକାକରୀ ତୈଳ କୁହାଯାଏ । ଏହି ତୈଳକୁ କ୍ଷତ ସ୍ଥାନରେ ପ୍ରତିଦିନ ନିୟମିତ ଭାବେ ପ୍ରୟୋଗ କଲେ ଉକ୍ତ କ୍ଷତ ଖୁବ୍ ଶୀଘ୍ର ଭରଣା ହୋଇଥାଏ ।
- ହଇଜା ରୋଗ ହୋଇଥିଲେ ଏବଂ ଏହା ଯେକୌଣସି ଅବସ୍ଥାରେ ଥିଲେ ମଧ୍ୟ ଗୋଟିଏ ହେମକାକରୀ ପତ୍ର ଏବଂ ୨୫ଟି ଗୋଲମରିଚକୁ ମିଶାଇ ପାଣିରେ ବାଟି ରୋଗୀକୁ ପିଆଇବ । ପିଆଇବା ପରେ ରୋଗୀର ଝାଡା ବାନ୍ତି ହେଲେ ପୁନର୍ବାର ପିଆଇବ । ଏପରି ବାରମ୍ବାର ପିଆଇବା ପରେ ଧିରେ ଧିରେ ରୋଗୀ ଆରୋଗ୍ୟ ଲାଭ କରିବ । ପୂର୍ବକାଳରେ ହଇଜା ରୋଗୀ ପାଇଁ ଏହା ଏକ ମହୌଷଧି ଭଳି କାର୍ଯ୍ୟ କରୁଥିଲା ଏବଂ ଏହାର ବହୁଳ ବ୍ୟବହାର ହେଉଥିଲା । କେତେକ ଅଞ୍ଚଳରେ ଏହି ଔଷଧ ଗ୍ରହଣ ପଦ୍ଧତି ଏବେ ମଧ୍ୟ ବ୍ୟବହୃତ ହେଉଛି ।
- ନାକରୁ ରକ୍ତ ପଡୁଥିଲେ ହେମକାକରୀ ପତ୍ରର ରସ ୨ ଟୋପା କରି ନାକରେ ପକାଇଲେ ଏବଂ ୨/୪ ଗ୍ରାମ ହେମକାକରୀ ରସକୁ କିଛି ମିଶ୍ରିରେ ମିଶାଇ ପିଇଲେ ଖୁବ୍ ଶୀଘ୍ର ରକ୍ତ ପଡ଼ିବା ବନ୍ଦ ହୋଇଯାଏ ।
- ଅର୍ଶ ହୋଇ ରକ୍ତ ପଡୁଥିଲେ, ରକ୍ତପିତ୍ତ ତଥା ରକ୍ତପ୍ରଦର ରୋଗର ପ୍ରଶମନ ପାଇଁ ହେମକାକରୀ ରସକୁ ୧ ଗ୍ରାମ ମିଶ୍ରି ସହିତ ନିୟମିତ ସେବନ କଲେ କିଛି ମାସ ମଧ୍ୟରେ ରୋଗରୁ ମୁକ୍ତି ମିଳିଥାଏ ।
- ଶୂଳଝାଡା, ଆମରକ୍ତ ମିଶ୍ରିତ ଅତିସାର ରୋଗ ହୋଇଥିଲେ ହେମକାକରୀ ପତ୍ରର ରସ ୧ ଗ୍ରାମ, ୨୦୦ ମିଲିଗ୍ରାମ ଜୀରା ଗୁଣ୍ଡ ଏବଂ ୫୦୦ ମିଲିଗ୍ରାମ ଗୁଆଘିଅକୁ ଏକତ୍ର ମିଶାଇ ୧ ଗ୍ରାମ ଲେଖା ଦିନକୁ ସେବନ କଲେ ଉପଶମ ମିଳିଥାଏ ।
- ବିଛା ଦଂଶନ କରିଥିଲେ ଶରୀରରେ ଭୀଷଣ ଯନ୍ତ୍ରଣା ହୋଇଥାଏ । ତେଣୁ ଦଂଶନ ହୋଇଥିବା ସ୍ଥାନରେ ଲୁଣ ଏବଂ ହେମକାକରୀ ପତ୍ରର ରସ ମିଶାଇ ଘଷିଲେ ତତ୍‌କ୍ଷଣାତ୍ ବିଷଗୁଡ଼ିକ ନଷ୍ଟ ହୋଇଯାଇଥାଏ ଏବଂ ବିଷଜନିତ ଜ୍ୱାଳାରୁ ମୁକ୍ତି ମିଳିଥାଏ ।
- କଟିଯାଇଥିବା ଘା'ର ପ୍ରଶମନ ପାଇଁ ହେମସାଗର ତୈଳ ୪୦ ଗ୍ରାମ, ୧୦ ଗ୍ରାମ ମହମ ଏବଂ ହେମସାଗରର ରସକୁ ଏକତ୍ର ମିଶାଇ ଗରମ କରିବ । ତାପରେ ତାକୁ ତୁରନ୍ତ ୨୫ ମିଲିଗ୍ରାମ୍ ମୟୂରଗିରିଆ ଭସ୍ମରେ ମିଶାଇ କାଚ ପାତ୍ରରେ ରଖିବ । ଘା'କୁ ପ୍ରଥମେ ତ୍ରିଫଳା ପାଣିରେ ଧୋଇବା ନିତାନ୍ତ ଆବଶ୍ୟକ । ତାପରେ ଏହି ମଲମ ଲଗାଇବ । ଏହିପରି ୪/୫ ଦିନ ପର୍ଯ୍ୟନ୍ତ ନିୟମିତଭାବେ ମଲମ ଲଗାଇଲେ ଘା'ର ଭରଣା ହୋଇଯାଏ ଏବଂ ଶୀଘ୍ର ଶୁଖିଯାଇଥାଏ ।
- ଜ୍ୱର ହୋଇ ଦେହର ଉତ୍ତାପ ବୃଦ୍ଧି ହେଉଥିଲେ ହେମକାକରୀର ରସ ଜ୍ୱରରୋଗୀ ଦେହରେ ମାଲିସ୍ କରି କମ୍ବଳ ଘୋଡାଇ ରଖିଲେ ରୋଗୀ ଆରାମ ପାଇଥାଏ ।
- ବ୍ରଣ ହେଉଥିଲେ ଏବଂ ପାଚୁଥିଲେ ବ୍ରଣ ଉପରେ ହେମକାକରୀ ପତ୍ରର ଉପର ପାଖ ଦେଇ ପଟି ବାନ୍ଧିଲେ ବ୍ରଣ ଫାଟିଯାଏ ଏବଂ ପତ୍ରକୁ ଓଲଟାଇ ପଟି ବାନ୍ଧିଲେ ବ୍ରଣ ଯୋଗୁଁ ହୋଇଥିବା ଘା ଶୁଖିଯାଇଥାଏ ।
- ଶରୀରର କୌଣସି ଅଙ୍ଗ ଫୁଲିଥିଲେ ହେମକାକରୀ ପତ୍ରକୁ ଚିକ୍କଣ କରି ବାଟି ଗରମ କରି ଉଷୁମଥିବା ଅବସ୍ଥାରେ ତାକୁ ଫୁଲା ସ୍ଥାନରେ ଲେପନ କରି ପଟି ବାନ୍ଧିଲେ ଖୁବ୍ ଶୀଘ୍ର ଫୁଲା କମିଯାଇଥାଏ ।
- ପେଟରେ ପୀଡା ତଥା ମୂତ୍ରକୃଚ୍ଛ ହେଉଥିଲେ ହେମକାକରୀ ରସ ବା କ୍ୱାଥକୁ ନିୟମିତ ପାନ କରିବା ଦ୍ୱାରା ଅଳ୍ପ ଦିନରେ ଭଲ ହୋଇଯାଇଥାଏ ।
- ଅନିଦ୍ରା କିମ୍ବା କୌଣସି କାରଣରୁ ମୁଣ୍ଡ ବିନ୍ଧା ହେଉଥିଲେ ହେମକାକାରୀ ପତ୍ର ରସ ମୁଣ୍ଡରେ ଘସିଲେ ମୁଣ୍ଡବିନ୍ଧା ଭଲ ହୋଇଯାଇଥାଏ ।

**(ସଂଗୃହୀତ)**

**ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ**
**ଓଡ଼ିଶା ସରକାର**

ବିଜ୍ଞପ୍ତି

ଭୁବନେଶ୍ୱର ତା୨୪.୨.୨୦୦୭

ସଂଖ୍ୟା-କେ.ଏଲ୍ (ବି) ୩/୨୦୦୬-୬୪୩୬/ଏଫ୍ ଆଣ୍ଡ ଇ. ତା୩୦.୦୪.୨୦୦୭

**ପ୍ରେରକ**
**ଶ୍ରୀ ପି.ଏନ୍. ପାଢୀ, ଆଇ.ଏଫ୍.ଏସ୍**
**ସରକାରଙ୍କ ସ୍ୱତନ୍ତ୍ର ସଚିବ**

**ପ୍ରାପ୍ତେଷୁ**
**ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)**
**ଭୁବନେଶ୍ୱର, ଓଡ଼ିଶା**

**ବିଷୟ:** କେନ୍ଦୁପତ୍ର କ୍ରୟମୂଲ୍ୟ ଏବଂ ଋତୁଭିତ୍ତିକ କେନ୍ଦ୍ରପତ୍ର କର୍ମଚାରୀଙ୍କ ମଜୁରୀ ବୃଦ୍ଧି ନିମନ୍ତେ ।

ମହାଶୟ,

ମୁଁ ସରକାରଙ୍କର ନିର୍ଦ୍ଦେଶମତେ ନିମ୍ନଲିଖିତ ନିଷ୍ପତ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଆପଣଙ୍କୁ ଅବଗତ କରାଉଅଛି ।

୧. ୨୦ଟି ସବୁଜ କେନ୍ଦୁପତ୍ର ଥିବା ଗୋଟିଏ କେରୀର କିଣା ଦାମ ୨୩ ପଇସାରୁ ୨୫ ପଇସାକୁ ବୃଦ୍ଧି ହୋଇଛି । ସେହିପରି ଫାଳ ଅଞ୍ଚଳରେ ୪୦ଟି ସବୁଜ କେନ୍ଦୁପତ୍ର ଥିବା କେରିର ଦାମ ୪୬ ପଇସାରୁ ୫୦ ପଇସାକୁ ବୃଦ୍ଧି ହୋଇଛି । ଉତ୍ପାଦନକାରୀଙ୍କ ପତ୍ରର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୩୫୦ ଟଙ୍କାରୁ ୧୪୫୦ ଟଙ୍କାକୁ ବୃଦ୍ଧି ହୋଇଛି । ଏହା ୨୦୦୭ ମସିହା କେନ୍ଦୁପତ୍ର ଶସ୍ୟ ବର୍ଷଠାରୁ ଲାଗୁ କରାଯିବ । କେନ୍ଦୁପତ୍ର ତୋଳାଳୀଙ୍କର ଏହି ମୂଲ୍ୟ ବୃଦ୍ଧି ଜନିତ ସମସ୍ତ ବକେୟା ଦାବି ପୋଷ୍ଟାଲ ମନି ଅର୍ଡର ମାଧ୍ୟମରେ ପ୍ରଦାନ କରାଯିବା ଆବଶ୍ୟକ ।

୨. ହେଡ ଚେକର, ସର୍କଲ ଚେକର, ଚେକର, ବାଇଣ୍ଡିଂ ଚେକର ମୁନସୀ ଏବଂ ଚପରାସୀ ଆଦି କେନ୍ଦୁପତ୍ରର ଋତୁଭିତ୍ତିକ କର୍ମଚାରୀଙ୍କ ମଜୁରୀ ପ୍ରଚଳିତ ଦର ଉପରେ ୨୫ ପ୍ରତିଶତ ବୃଦ୍ଧି ହୋଇଛି । ଋତୁଭିତ୍ତିକ କର୍ମଚାରୀଙ୍କ ଏହି ବର୍ଦ୍ଧିତ ମଜୁରୀ ୦୧.୦୫.୨୦୦୭ଠାରୁ ଲାଗୁ ହେବ ।

୩. କେନ୍ଦୁପତ୍ର ତୋଳାଳୀମାନଙ୍କୁ ଏକ ହଳ ଚପଲ ବଦଳରେ ୨୭ ଟଙ୍କା ଦିଆଯିବ ।

ଏଣୁ ଆପଣଙ୍କୁ ସରକାରଙ୍କର ଉପରୋକ୍ତ ନିର୍ଦ୍ଦେଶନାମାକୁ ସମ୍ପାଦନ ନିମନ୍ତେ ସମସ୍ତ କ୍ଷେତ୍ରୀୟ ଅଞ୍ଚଳକୁ ଜଣାଇବା ତଥା ନିର୍ଦ୍ଦେଶର ଏକକିତା ନକଲ ସରକାରଙ୍କ ଅବଗତ ନିମନ୍ତେ ପ୍ରେରଣ କରିବାକୁ ଅନୁରୋଧ ।

ଆପଣଙ୍କ ବିଶ୍ୱସ୍ତ
ପି.ଏନ୍.ପାଢୀ
ସରକାରଙ୍କ ସ୍ୱତନ୍ତ୍ର ସଚିବ

## ଗଢି ଜାଣିଲେ ସୁନ୍ଦର...........




# ଝାର୍ଡାବ୍

(କେବଳ ଘରୋଇ ପ୍ରସାରଣ ନିମିତ୍ତ)

RCDC



**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
**(ଆର୍.ସି.ଡି.ସି)**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
ୱେବ୍‌ସାଇଟ୍ : www.banajata.org, www.rcdcindia.org
ଇମେଲ୍ : rcdcbbsr@bsnl.in

**ଆର.ସି.ଡି.ସି. ସେଣ୍ଟର୍ ଫର୍**
**ୱାଟର୍ ଫର୍ ଲାଇଫ୍**
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଫୋନ-୦୬୭୪-୨୫୪୭୫୮୫/୨୫୪୭୮୯୭
ଇମେଲ୍ : rcdccwl@bsnl.in

**ଆର୍‌ସିଡିସି ସେଣ୍ଟର୍ ଫର୍ ଫରେଷ୍ଟ୍ରି ଆଣ୍ଡ୍ ଗଭର୍ଣ୍ଣାନ୍ସ**
ଏନ୍/୪-୩୪୨, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଫୋନ୍ : ୦୬୭୪-୨୫୫୨୪୯୪
ଇମେଲ୍ : rcdccfg@bsnl.in

**ଆର୍.ସି.ଡି.ସି.**
ପ୍ୟାଲେସ୍ ଲାଇନ, ବଲାଙ୍ଗୀର-୭୬୭୦୦୧
ଫୋନ-୦୬୬୫୨-୨୩୪୮୪୨
ଇମେଲ୍ : rcdcbgr@bsnl.in

**ଆର.ସି.ଡି.ସି.**
**ସେଣ୍ଟର ଫର୍ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟ୍**
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ,
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
ଇମେଲ୍ : rcdcngr@bsnl.in